ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.172 Bhubaneswar Tuesday August 15 2023 | ୨୬ତମ ବର୍ଷ ସଂଖ୍ୟା–୧୭୨ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧୫, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS


## ରାଷ୍ଟ୍ରପତିଙ୍କ ସ୍ୱାଧୀନତା ଦିବସ ବାର୍ତ୍ତା: ସବୁ ନାଗରିକ ସମାନ, ସମସ୍ତଙ୍କ ଅଧିକାର ସମାନ



ଭୁବନେଶ୍ୱର, ୧୪।୮(ପି.ଏନ): ଦେଶର ୭୭ତମ ସ୍ୱାଧୀନତା ଦିବସ ପୂର୍ବରୁ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ଭାରତର ଝିଅମାନେ ଆଗକୁ ବଢ଼ିବାକୁ ଚାହୁଁଥିବା କହିଥିବେ ବେଳେ ଦେଶର ସବୁ ନାଗରିକ ସମାନ ଓ ସମସ୍ତଙ୍କର ସମାନ ଅଧିକାର ରହିଛି ବୋଲି ମତ ରଖିଛନ୍ତି।ସେ କହିଛନ୍ତି, "ପ୍ରତି ଭାରତୀୟ ସମାନ ନାଗାରିକ। ପ୍ରତି ନାଗରିକଙ୍କ ପାଇଁ ଏହି ମାଟିରେ ସମାନ ସୁଯୋଗ, ଅଧିକାର ଓ କର୍ତ୍ତବ୍ୟ ରହିଛି। ଜାତି, ଧର୍ମ, ଭାଷାରୁ ଉପରେ ରହି ସମସ୍ତେ ଭାରତୀୟ ଭାବେ ପରିଚିତ। ଆଜିକା ଦିନରେ ଦେଶର ବିକାଶ ଓ ସେବା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢ଼ିଛି। ସେମାନେ ଦେଶର ଗର୍ବକୁ ଆହୁରି ତ୍ୱରାନ୍ୱିତ କରିଛନ୍ତି। କିଛି ଦଶନ୍ଧି ତଳେ ସେମାନଙ୍କ ଯୋଗାଦାନ ନଗଣ୍ୟ ଥିଲା। ହେଲେ ଏବେ ସେମାନେ ଅନେକ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାରୀ କରିଛନ୍ତି।" ସେ ଆହୁରି କହିଛନ୍ତି, "ସ୍ୱାଧୀନତା ଦିବସ ମୋତେ ମୋ ପିଲା ଦିନ ମନେପକାଇ ଦେଉଛି। ଛୋଟ ବେଳେ ସ୍କୁଲରେ ଉତ୍ସବ ମନରେ ଶିହରଣ ସୃଷ୍ଟି କରୁଛି। ଭାରତୀୟ ନାଗରିକ ହେବା ଆମ ପାଇଁ ସବୁଠାରୁ ବଡ ପରିଚୟ। ଆମ ସ୍ୱାଧୀନତା ସଂଗ୍ରାମର ଆଧାରଶିଳା ସତ୍ୟ ଓ ଅହିଂସା। ଏହି ଆଧାରଶିଳାକୁ ଅନେକ ଦେଶ ନିଜ ପାଇଁ ଆପଣାଇଛନ୍ତି। ଆଜି ମହିଳାମାନେ ବିକାଶ ଓ ଦେଶସେବାରେ ଆଗରେ ଅଛନ୍ତି। ମହିଳାମାନେ ଏବେ ଅନେକ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇଛନ୍ତି। ଆର୍ଥିକ ସଶକ୍ତୀକରଣ ଯୋଗୁ ମହିଳାଙ୍କ ସ୍ଥିତି ମଜବୁତ ହୋଇପାରିଛି। ଆଜି ଭାରତ କେବଳ ବିଶ୍ୱରେ ନାଁ କରିନି, ବରଂ ନିଜ ପ୍ରତିଷ୍ଠା ମଧ୍ୟ ବଢ଼ାଇଛି।ଆର୍ଥିକ ବୃଦ୍ଧି କ୍ଷେତ୍ରରେ ଆମର ଅନ୍ନଦାତାମାନେ ମହତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ସରକାରଙ୍କ ସମୁଚିତ ପଦକ୍ଷେପ ଯୋଗୁ ମୁଦ୍ରାସ୍ଫିତି ନିୟନ୍ତ୍ରଣରେ ରହିଛି। ଭାରତ ଆଜି ବିଶ୍ୱର ଶ୍ରେଷ୍ଠ ୫ ଅର୍ଥବ୍ୟବସ୍ଥା ମଧ୍ୟରେ ସାମିଲ ହୋଇପାରିଛି। ବିଶ୍ୱର ଶ୍ରେଷ୍ଠ ୩ ଅର୍ଥବ୍ୟବସ୍ଥାରେ ସାମିଲ ହେବାକୁ ଉଦ୍ୟମ ଚଳାଇଛି ଦେଶ।" ନିଜ ପରମ୍ପରାକୁ ସମୃଦ୍ଧ କରିବାକୁ ଆଦିବାସୀ ଭାଇଭଉଣୀଙ୍କୁ ରାଷ୍ଟ୍ରପତି ମୁର୍ମୁ ଆହ୍ୱାନ ଦେଇଛନ୍ତି। ଶିକ୍ଷା ସାମାଜିକ ସଶକ୍ତୀକରଣର ସବୁଠାରୁ ବଡ ମାଧ୍ୟମ। ଚନ୍ଦ୍ରରେ ଚନ୍ଦ୍ରଯାନ–୩ର ଅବତରଣକୁ ଆମେ ସମସ୍ତେ ଅପେକ୍ଷା କରିଛୁ। ଜଳବାୟୁ ପରିବର୍ତ୍ତନ ଆମ ସମସ୍ତଙ୍କ ପାଇଁ ଆହ୍ୱାନ ଭାବେ ଉଭା ହୋଇଛି। ଆମ ଦେଶ ନୂଆ ସଂକଳ୍ପ ସହ ଅମୃତକାଳରେ ପ୍ରବେଶ କରିଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ଦେଶ ଆଗକୁ ବଢୁଛି ବୋଲି ସେ କହିଛନ୍ତି।ଦେଶର ଝିଅମାନେ ଆଗକୁ ଯାଆନ୍ତୁ ବୋଲି ଆଶା ରଖି ରାଷ୍ଟ୍ରପତି ମୁର୍ମୁ ସରୋଜିନ ନାଇଡୁ, ଅମ୍ମୁ ସ୍ୱାମୀନାଥନ, ରମା ଦେବୀ, ଅରୁଣା ଅସଫ ଅଲୀ ଓ ସୁଚେତା କ୍ରିପାଲିନଙ୍କ ଉଦାହରଣ ଦେଇଛନ୍ତି। ମା' କସ୍ତୁରବା ଜାତିର ପିତା ମହାତ୍ମା ଗାନ୍ଧିଙ୍କ କଠିନ ସତ୍ୟାଗ୍ରହର ସବୁ ସମୟରେ ସାଥ ଦେଇଥିବା କଥା ମଧ୍ୟ ରାଷ୍ଟ୍ରପତି କହିଛନ୍ତି।

### ଛୁଟି ଘୋଷଣା

ସ୍ୱାଧୀନତା ଦିବସ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଅଗଷ୍ଟ ୧୫ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ ।

–ପ୍ରକାଶକ

## ଆସନ୍ତାକାଲି ସ୍ୱାଧୀନତା ଦିବସ : ଭୁବନେଶ୍ୱରରେ ପତାକା ଉଡାଇବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୮(ପି.ଏନ): ଆସନ୍ତାକାଲି (ମଙ୍ଗଳବାର) ସ୍ୱାଧୀନତା ଦିବସ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିବେ। ରବିବାର ଦିନ ଫୁଲ ଡ୍ରେସ୍ ରିହାଲସାଲ କରାଯାଇଥିବା ବେଳେ ପୋଲିସ୍ ଡିଜି ଏହାର ତଦାରଖ କରିଥିଲେ। ସ୍ୱାଧୀନତା ଦିବସ ପାଳନ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଭୁବନେଶ୍ୱରରେ ୧୫ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ ରହିବେ। ସେହିପରି ଅନ୍ୟ ଜିଲ୍ଲାମାନଙ୍କରେ ମନ୍ତ୍ରୀ , ରାଜସ୍ୱ କମିସନର ଏବଂ ଜିଲ୍ଲାପାଳମାନେ ଜାତୀୟ ପତାକା ଉତୋଳନ କରିବେ।




















# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବି୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ୟରେ ସାହାଯଣ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ୟତୀତ ଅନଣ୍ୟ ରାଜଣ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ୟତି ହେବି ନାହିଁ।



# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖି କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ବିହାର ମେଂଟ ପ୍ରତି ଚ୍ୟାଲେଞ୍ଜ





**ବି**ହାରରେ ପୁଣି ନୀତିଶ ତେଜସ୍ୱୀ ଯୁଗ ଆରମ୍ଭ ହୋଇଛି। ବିଧାନସଭାରେ ଅନୁଷ୍ଠିତ ଆସ୍ଥା ଭୋଟରେ ଆରଜେଡି ଜେଡିୟୁ ସରକାର ବହୁ ଭୋଟରେ ବିଜୟୀ ହୋଇଛି। କହିବା ବାହୁଲ୍ୟ ଯେ, ତଥା ଗତ ଆଠ ବର୍ଷ ମଧ୍ୟରେ କେନ୍ଦ୍ରରେ କ୍ଷମତାସୀନ ବିଜେପି କର୍ଣ୍ଣାଟକଠାରୁ ଆରମ୍ଭ କରି ମହାରାଷ୍ଟ୍ର ପର୍ଯ୍ୟନ୍ତ ବହୁ ବିରୋଧିଦଳ ସରକାର ବିଭାଜନ ଘଟାଇ କ୍ଷମତା ଦଖଲ କରିଥିବାବେଳେ ପ୍ରଥମ ଥର ପାଇଁ ବିହାରରେ ବିଜେପି ମେଂଟ ସରକାରଙ୍କୁ ଭାଙ୍ଗି ଜେଡିୟୁ-ଆରଜେଡି ମେଂଟ କ୍ଷମତାସୀନ ହୋଇଛି। ସ୍ମରଣଯୋଗ୍ୟ ଯେ, ଅତୀତରେ ଅର୍ଥାତ୍ ତିନିବର୍ଷ ତଳେ ଜେଡିୟୁ-ଆରଜେଡି ମେଂଟ ସରକାରର ପତନ ଘଟି ବିଜେପି-ଜେଡିୟୁ ସରକାର କ୍ଷମତାସୀନ ହୋଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ନବଗଠିତ ଜେଡିୟୁ-ଆରଜେଡି ମେଂଟ ସରକାର ବିଧାନସଭାରେ ଆସ୍ଥା ଭୋଟରେ ବହୁ ଭୋଟରେ ବିଜୟୀ ହୋଇଥିବା ସତ୍ତ୍ୱେ ପ୍ରକୃତ ରାଜନୈତିକ ଶକ୍ତି ପରୀକ୍ଷା ଏବେଠାରୁ ଆରମ୍ଭ ହୋଇଛି ବୋଲି କୁହାଯିବ। ଏହା ନିଶ୍ଚିତ ଯେ, କେନ୍ଦ୍ର ସହ ଗୋଟିଏ ପରେ ଗୋଟିଏ ରାଜ୍ୟରେ କ୍ଷମତା ଅକ୍ତିଆର କରି ଚାଲିଥିବା ବିଜେପି ବିହାରରେ କ୍ଷମତାଚ୍ୟୁତ ହେବାପରେ ନୀରବରେ ବସି ରହିପାରିବ ନାହିଁ। ଏହା ବିଧାନସଭାରେ ଶକ୍ତି ପରୀକ୍ଷା ଦିନ ହିଁ ସଂକେତ ପ୍ରଦାନ କରିଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆସ୍ଥା ପରୀକ୍ଷା ଦେଉଥିବା ବେଳେ ଅନ୍ୟପଟେ ୟୁପିଏର ପ୍ରଥମ ପାଳି ସରକାରରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ରେଳବାଇ ମନ୍ତ୍ରୀ ଥିବାବେଳେ ବହୁଚର୍ଚ୍ଚିତ ଲ୍ୟାଣ୍ଡ ଫର ଜବସ୍ (ଜମି ପାଇଁ ନିଯୁକ୍ତି) ଦୁର୍ନୀତି ମାମଲାରେ ସିବିଆଇ ଆରଜେଡିର କେତେକ ନେତାଙ୍କ ବାସଭବନରେ ଚଢାଉ କରିଥିଲା। ସିବିଆଇ ଚଢାଉର ସମ୍ମୁଖୀନ ହୋଇଥିବା ନେତାଙ୍କ ମଧ୍ୟରୁ କିଏ ଅପରାଧୀ, କିଏ ନିର୍ଦ୍ଦୋଷ, ତାହା ଭବିଷ୍ୟତରେ ଆଇନ କହିବ। ତେବେ ବିରୋଧୀଙ୍କ ବିରୁଦ୍ଧରେ ଚଢାଉ ଯେଉଁ ସମୟରେ ହୋଇଛି ବା ବିରୋଧୀଙ୍କୁ ଟାର୍ଗେଟ ଯେଉଁ ସମୟରେ କରାଯାଇଛି, ସେଥିରୁ ବିଜେପି କେତେ ପ୍ରତିଶୋଧ-ପରାୟଣ, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। କେବଳ ନୀତିଶଙ୍କ ନେତୃତ୍ୱରେ ପରିଚାଳିତ ମହାଗଠବନ୍ଧନ ସରକାର ନୁହେଁ, ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ପ୍ରତି ମଧ୍ୟ ପ୍ରତିଶୋଧପରାୟଣ କାର୍ଯ୍ୟାନ୍ୱୟନ ବଢିବା କିଛି ଅସ୍ୱାଭାବିକ ନୁହେଁ। ତେବେ ତିନୋଟି ଚ୍ୟାଲେଞ୍ଜ ଏବେ ଜେଡିୟୁ-ଆରଜେଡି ସରକାରଙ୍କ ପ୍ରତି ରହିଛି। ଏହାକୁ ମୁକାବିଲା କରିବା ପାଇଁ ଉଭୟ ଦଳ ପ୍ରଥମତଃ ଏକ ଏବଂ ଏକମନ, ଏକପ୍ରାଣ ହୋଇ ରହିବା ଜରୁରୀ। ସେହିପରି ଯେଉଁସବୁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ପରସ୍ପର ସହ ବୁଝାମଣା କରିବାକୁ ହେବ। ତୃତୀୟଟି ହେଉଛି ବିହାରର ଜନସାଧାରଣଙ୍କ ହୃଦୟ ଜିତିବା ପାଇଁ ସୁଶାସନ ଏବଂ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବା। ଏହା ସତ୍ୟ ଯେ, ଉଭୟ ଦଳ ପୁରୁଣା ମଣ୍ଡଳ ଦଳ ତଥା ଜନତାଦଳରୁ ଆସିଥିବା ଯୋଗୁ ବିହାରରେ ବିଜେପିର ଏକ ଶକ୍ତିଶାଳୀ ବିକଳ୍ପ ଭାବେ ଉଭା ହୋଇଛି। ଅତୀତରେ ୨୦୧୫ ବିଧାନସଭା ନିର୍ବାଚନରେ ଜେଡିୟୁ- ଆରଜେଡି ମେଂଟ ବିଜେପିକୁ ଧୂଳି ଚଟାଇ ବିହାରରେ କ୍ଷମତାସୀନ ହୋଇଥିଲା। ଉଭୟ ଦଳର ସାମାଜିକ ସ୍ଥିତି ସମାନ ଥିବା ବେଳେ ଆଦର୍ଶଗତ ସାମଞ୍ଜସ୍ୟ ମଧ୍ୟ ରହିଛି। ୨୦୧୫ରେ ମେଂଟ ସରକାର ଦୁଇବର୍ଷ ସୁରୁଖୁରୁରେ କାର୍ଯ୍ୟ କରିଥିବାବେଳେ ଦୁର୍ନୀତିକୁ ନେଇ ମେଂଟ ଭାଙ୍ଗି ଯାଇଥିଲା। ପୂର୍ବରୁ ସମସ୍ତ ତିକ୍ତତା, ମାନ, ଅଭିମାନକୁ ଭୁଲି ଉଭୟ ଦଳ ଏକତ୍ର କାର୍ଯ୍ୟ କରିବା ଉଚିତ୍। ଯାହାକି ବିଜେପିର ଯଥାର୍ଥ ମୁକାବିଲା କରିପାରିବ। ସେହି ଯେଉଁ ଅଂଚଳରେ ଯେଉଁ ଦଳର ପ୍ରଭାବ ରହିଛି, ସେଠାରେ ଉଭୟ ଦଳର ନେତା ଓ କର୍ମୀମାନେ ମିଳିମିଶି କାର୍ଯ୍ୟ କରିପାରିଲେ, କେବଳ ମେଂଟ ସୁଦୃଢ ହେବନାହିଁ, ଜନସାଧାରଣଙ୍କର ମଧ୍ୟ ହିତ ସାଧନ ହୋଇପାରିବ। ଏହା ସତ୍ୟ ଯେ, ନୀତିଶ କୁମାରଙ୍କ ନିର୍ମଳ ଭାବମୂର୍ତ୍ତି ତାଙ୍କୁ ଜଣେ ଜାତୀୟସ୍ତରର ନେତାଭାବେ ପ୍ରତିଷ୍ଠିତ କରିଥିବା ବେଳେ ତେଜସ୍ୱୀଙ୍କ ପ୍ରତି ଯୁବଗୋଷ୍ଠୀର ଆକର୍ଷଣ ବଢିବାରେ ଲାଗିଛି। ନିକଟରେ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ନୂଆ ଗାଡି ନ କିଣିବା, କାହାରିକୁ ପାଦ ଛୁଇଁବାକୁ ନଦେବା ପାଇଁ ତେଜସ୍ୱୀ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ପ୍ରଣିଧାନଯୋଗ୍ୟ। ତେବେ ମୁଖ୍ୟ ଚ୍ୟାଲେଞ୍ଜ ହେଉଛି ବିହାରରେ ବେକାରୀ ସମସ୍ୟା ବୃଦ୍ଧି। ବେକାର ଯୁବକ-ଯୁବତୀଙ୍କୁ କର୍ମନିଯୁକ୍ତି ଯୋଗାଇଦେବା ପାଇଁ ମେଂଟ ସରକାରର ମୁଖ୍ୟ ଆଭିମୁଖ୍ୟ ରହିବା ଆବଶ୍ୟକ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

# ଶକ୍ତି ଉପାସନାର ସ୍ଥଳ ତୀର୍ଥରାଜ ପ୍ରୟାଗ





**ପୁ**ଣ୍ୟଭୂମି ଭାରତ ବର୍ଷର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସାରା ଭାରତରେ ଶକ୍ତିଙ୍କର ଅସଂଖ୍ୟ ଉପାସନା ଓ ଅର୍ଚ୍ଚନା ସ୍ଥଳୀ ରହିଛି। ସେଗୁଡ଼ିକ ମଧ୍ୟରେ ତୀର୍ଥରାଜ ପ୍ରୟାଗ ଶକ୍ତି ଉପାସନାର ପ୍ରମୁଖ ସ୍ଥଳ ଭାବରେ ପରିଚିତ। ମୁଖ୍ୟତଃ ୫୧ ଟି ମହାପୀଠର ବିଶେଷ ଗୁରୁତ୍ୱ ରହିଛି।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା' ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ମାତା ସତୀ ଓ ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ମାତା ସତୀ ସ୍ୱୟଂ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଭଗବାନ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି



ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ପ୍ରୟାଗରେ ଏପରି ୩ଟି ସ୍ଥାନ ରହିଛି, ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କର ଅଙ୍ଗ ଖଣ୍ଡ ଗୁଡ଼ିକ




ପଡ଼ିଥିଲା। ଏଠାରେ ମାତା ଲଳିତା ଦେବୀ, ମାତା କଲ୍ୟାଣୀ ଦେବୀ ଓ ମାତା ଅଲୋପଶଙ୍କରୀ ଦେବୀ ରହିଛନ୍ତି। ଏହି ଶକ୍ତିପୀଠ ଗୁଡ଼ିକରେ ପୂଜା ଏବଂ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ନବରାତ୍ରରେ ପ୍ରତି ମନ୍ଦିରରେ ବିଶେଷ ପୂଜା ଓ ଅନୁଷ୍ଠାନ ହୋଇଥାଏ। ଏହି ଉତ୍ସବରେ ପ୍ରତିଦିନ ଶହ ଶହ ଭକ୍ତ ସାମିଲ ହୋଇଥାନ୍ତି।

ଯମୁନା ନଦୀ କୂଳରେ ମୀରପୁର ସ୍ଥିତ ମା' ଲଳିତାଙ୍କ ଏହି ପ୍ରାଚୀନ ମହା ଶକ୍ତିପୀଠ ମନ୍ଦିରରେ ମାତା ସତୀଙ୍କ ହାତର ଅଙ୍ଗୁଳି ପଡ଼ିଥିଲା। ସେହି ସ୍ଥାନରେ ମା'ଭଗବତୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ଅଧିଷ୍ଠିତ ଅଛନ୍ତି। ଏହି ମନ୍ଦିରରେ ପ୍ରବେଶ କରିବା ମାତ୍ରେ ନିଜ ଭିତରେ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ମାତାଙ୍କର ଡ଼ାହାଣ ହାତରେ ସଂକଟ ମୋଚନ ହନୁମାନ, ରାମ, ଲକ୍ଷ୍ମଣ, ସୀତା ଓ ନବଗ୍ରହ ମାନଙ୍କର ଦିବ୍ୟ ମୂର୍ତ୍ତି ମାନ ସ୍ଥାପିତ ହୋଇଛି। ମନ୍ଦିର ଭିତରେ ରାଧା-କୃଷ୍ଣଙ୍କର ଭବ୍ୟ ମୂର୍ତ୍ତି ଗୁଡ଼ିକ ଭକ୍ତ ମାନଙ୍କର ମନ ମୋହିନିଏ। ନବରାତ୍ର ବେଳେ ଫୁଲ ଓ ଅଳଙ୍କାରରେ ମାତାଙ୍କର ଶୃଙ୍ଗାର କରା ଯାଇଥାଏ।

ମାତା ଲଳିତା ଦେବୀଙ୍କ ଭଳି ମାତା କଲ୍ୟାଣୀ ଦେବୀ ମନ୍ଦିରରେ ମଧ୍ୟ ମାତା ସତୀଙ୍କ ଅଙ୍ଗୁଳି ଖଣ୍ଡ ପଡ଼ିଥିଲା। ମତ୍ସ୍ୟ ପୁରାଣର ୧୩ଶ ଅଧ୍ୟାୟରେ ଯେଉଁ ୧୦୮ ପୀଠର ବର୍ଣ୍ଣନା ହୋଇଛି, ସେଥିରେ କଲ୍ୟାଣୀ ଲଳିତାଙ୍କ ନାମ ସର୍ବ ପ୍ରଥମେ ଆସିଛି। ମହର୍ଷି ଯାଜ୍ଞ୍ୟୋଲ୍କ୍ୟ ଆରାଧାନା ପାଇଁ ଏହି ସ୍ଥାନକୁ ପସନ୍ଦ କରିଥିଲେ। ଏଠାରେ ମାତା କଲ୍ୟାଣୀ ଚତୁର୍ଭୁଜ ରୂପରେ ସିଂହ ଉପରେ ବସି ବିଦ୍ୟମାନ ଅଛନ୍ତି। ମୂର୍ତ୍ତିର ଶୀର୍ଷରେ ଆଭାଚକ୍ର ରହିଛି, ମସ୍ତକ ଉପରେ ଯୋନୀ, ଲିଙ୍ଗ ଏବଂ ଫଣୀନ୍ଦ୍ର ଶୋଭା ପାଉଛି। ଦକ୍ଷିଣ ଭାଗରେ ଦେବାଧିଦେବ ମହାଦେବ ଓ ଗଜାନନ ଗଣେଷଙ୍କର ମନୋରମ ପ୍ରତିମା ସ୍ଥାପିତ ହୋଇଛି।

ମାତା ଅଲୋପଶଙ୍କରୀଙ୍କ ଭିତରେ ଲୋପ ହୋଇ ଯାଇଛନ୍ତି। ସଂଗମଠାରୁ କିଛି ଦୂରରେ ଅବସ୍ଥିତ ମାତା ଅଲୋପଶଙ୍କରୀଙ୍କ ପ୍ରାଚୀନ ସିଦ୍ଧପୀଠ ହେଉଛି ମନ୍ଦିର। ପୁରାଣ ଅନୁସାରେ ଏଠାରେ ମାତା ସତୀଙ୍କର ଯେଉଁ ଅଙ୍ଗ ପଡ଼ିଥିଲା, ତାହା ଲୋପ ହୋଇଗଲା। ଏହି କାରଣରୁ ମା'ଭଗବତୀଙ୍କ ପୂଜା ଅଲୋପଶଙ୍କରୀଙ୍କ ରୂପରେ ହୋଇଥାଏ। ନବରାତ୍ର ବ୍ୟତୀତ ସୋମବାର ଓ ଶୁକ୍ରବାର ଏଠାରେ ବିଶାଳ ମେଳା ବସିଥାଏ। ପୁରାଣରେ କ୍ଷମା ମାତାଙ୍କ ମନ୍ଦିର ସଂପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି। ଏଠାରେ ମା' ଭଗବତୀ ଚନ୍ଦ୍ରଘଣ୍ଟା ରୂପରେ ଅଧିଷ୍ଠିତ ଅଛନ୍ତି। ସାରା ଦୁନିଆର ଏହା ଏକମାତ୍ର ମନ୍ଦିର, ଯେଉଁଠି ମା'ଦୁର୍ଗାଙ୍କର ନଅଟି ସ୍ୱରୂପକୁ ଏକ ସଙ୍ଗରେ




ଦର୍ଶନ କରାଯାଇ ଥାଏ। ସଚ୍ଚା ହୃଦୟରେ ମା'ଙ୍କ ଦର୍ଶନ ମାତ୍ରେ ହିଁ ମଣିଷକୁ ସମସ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ନବରାତ୍ର ବେଳେ ପ୍ରତିଦିନ ଦେବୀଙ୍କର ଭିନ୍ନ ଭିନ୍ନ ସ୍ୱରୂପର ବିଶେଷ ଶୃଙ୍ଗାର କରାଯାଇଥାଏ। ସିଦ୍ଧପୀଠ ବ୍ୟତୀତ ସହରର ମସୁରିଆ ଦେବୀ, ଶୀତଳା ମାତା, ଅଷ୍ଟଭୁଜା ଦେବୀ, କାଳୀ ମାତା ଆଦି ମନ୍ଦିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ବସ୍ତ୍ର, ଅଳଙ୍କାର ଓ ଫୁଲରେ ମାତାଙ୍କ ଦିବ୍ୟ ସ୍ୱରୂପର ଶୃଙ୍ଗାର କରାଯାଇ ସାମୁହିକ ଆଳତୀ ହୋଇଥାଏ। ନବରାତ୍ର ଉତ୍ସବ ସମୟରେ ନିଜର ମନୋ କାମନା ପୂରଣ ପାଇଁ ଭକ୍ତ ମାନେ ବ୍ରତ ସହ ଶକ୍ତି ସ୍ୱରୂପା ମା' ଭଗବତୀଙ୍କ ଆରାଧନା କରିଥାନ୍ତି। ଯଦ୍ୱାରା ଭକ୍ତମାନଙ୍କର ମନୋସ୍କାମନା ଅତିଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮/୯୪୩୭୪୪୧୦୭୨

## ଜାତୀୟ ପତାକାର ଅପବ୍ୟବହାର ଓ ଅବମାନନାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

ଭୁବନେଶ୍ୱର (ପିଏନ୍)-ଜାତୀୟ ପତାକାକୁ ସମ୍ମାନ କରିବା ଏବଂ ଜାତୀୟ ପତାକାର ମାନ ଓ ଗୌରବକୁ ରକ୍ଷା କରିବା ହେଉଛି ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ପରମ କର୍ତବ୍ୟ। ଏହାହିଁ ଭାରତୀୟ ସମ୍ବିଧାନ ପ୍ରତି ଆମର ନିଷ୍ଠା। ସମ୍ବିଧାନର ଧାରା ୫୧-ଏ ରେ ଏହା ସିଧାସଳଖ କୁହାଯାଇଥିଲେ ମଧ କଟକ ଇଣ୍ଡୋର ଷ୍ଟାଡିୟମରେ ପ୍ରଜାତନ୍ତ୍ରର ପ୍ରତିଷ୍ଠା ଉତ୍ସବରେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ସାଂସଦ ଓ ଉଭୟ ଦଳର ତୃଙ୍ଗ ନେତୃବୃନ୍ଦ ଉପସ୍ଥିତ ଥାଇ ମଧ ଭାରତର ଜାତୀୟ ପତାକାର ଅପବ୍ୟବହାର ହେବା ସହିତ ଜାତୀୟ ପତାକାକୁ ଅପମାନିତ କରାଯାଇଥିଲା ବୋଲି କଂଗ୍ରେସ ଭବନରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନଗୋ କହିଥିଲେ। ସ୍ୱାଧୀନତାର ୭୫ବର୍ଷ ପୂର୍ତି ପାଳନ ଅବସରରେ ଖୋଦ୍ ପ୍ରଧାନମନ୍ତ୍ରୀ ଘର ଘର ମେ ତ୍ରିରଙ୍ଗା ଉଡ଼ିବାର ବାର୍ତା ଦେଉଥିଲା ବେଳେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ସମ୍ମୁଖରେ ଜାତୀୟ ପତାକାକୁ ବ୍ୟାଗ କରି ଖାଦ୍ୟ ପୁଡ଼ିଆ ବୁହାଯାଉଥିଲା। ସଭାଗୃହରେ ବହୁ ସ୍ଥାନରେ ଜାତୀୟ ପତାକା ତଳେ ପଡ଼ିରହିଥିବାର ଚିତ୍ର ସମସ୍ତ ସାମାଜିକ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାରିତ ହେଲାପରେ ମଧ ନା କେନ୍ଦ୍ର ସରକାର ନା ରାଜ୍ୟ ସରକାର କେହି ଏହା ବିରୋଧରେ ପଦୁଟିଏ ଉଚ୍ଚାରଣ କଲେ ନାହିଁ। ଏହା ଜାତୀୟ ପତାକା ସମ୍ମାନ ନିୟମ ୧୯୭୧ ଉପଧାରା-୨କୁ ସଂପୂର୍ଣ୍ଣ ଉଲଙ୍ଘନ କରୁଥିଲା ବେଳେ କାହିଁକି ଖୋଦ୍ ମୁଖ୍ୟମନ୍ତ୍ରୀ, ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ଧର୍ମେନ୍ଦ୍ର ପ୍ରଧାନ ଚୁପ ରହିଲେ। ଯେହେତୁ ଦୀର୍ଘ ୫୨ ବର୍ଷ ଧରି ଜାତୀୟ ପତାକାକୁ ଆରଏସଏସ ନିଜ କାର୍ଯ୍ୟାଳୟରେ ଉଡ଼ାଇନାହିଁ ସେହିଦୃଷ୍ଟିରୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଓ ଧର୍ମେନ୍ଦ୍ର ପ୍ରଧାନ ଚୁପ ରହି ତାଙ୍କର ଇଚ୍ଛାକୁ ପୂରଣ କଲେ କି? ପ୍ରଦେଶ କଂଗ୍ରେସ ରାଜ୍ୟ ସରକାରଙ୍କ ପାଖରେ ଦାବି କରୁଛି ଯେ ଯେଉଁମାନଙ୍କର ଫଟୋ ଜାତୀୟ ପତାକାକୁ ଅବମାନନା କରୁଥିବାର ଉତୋଳିତ ହୋଇଛି ଏବଂ ଯେଉଁ ପଦାଧିକାରୀ ଓ ନେତୃବୃନ୍ଦ ଜାତୀୟ ପତାକାକୁ ଖାଦ୍ୟ ପୁଡ଼ିଆ ବ୍ୟାଗ କରି ଦେଇଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ଗିରଫ କରି ଜେଲ ପଠାଯାଉ। ତତ୍‌ସହିତ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି, ଶ୍ରୀ ମନୋରଞ୍ଜନ ଦାଶ ଓ ସାମାଜିକ ଗଣମାଧ୍ୟମ ବିଭାଗର ଅଧକ୍ଷ ଶ୍ରୀ ଅଭିଷେକ ମହାନନ୍ଦ ଉପସ୍ଥିତ ଥିଲେ।

## ରାଖୀ ହେଉ ସବୁଜ ସମ୍ପର୍କର ସାକ୍ଷୀ

ଭୁବନେଶ୍ୱର (ପିଏନ୍): ସ୍ମାର୍ଟ ନଗରୀ ଭୁବନେଶ୍ୱର ପୋଖରୀପୁଟର ଇନ୍ଦ୍ରପ୍ରସ୍ଥ ଫେଜ୍-୨ଠାରେ କିଛି ପରିବେଶ ଓ ବୃକ୍ଷପ୍ରେମୀ ଏକାଠି ହୋଇ ଏକ ଭିନ୍ନ ଢଙ୍ଗରେ ରକ୍ଷାବନ୍ଧନ ଉତ୍ସବକୁ ପାଳନ କରିଛନ୍ତି। ପରିବେଶ ଅନୁକୂଳ ରଙ୍ଗ, ବେରଙ୍ଗ ସୂତାକୁ ବ୍ୟବହାର କରି ସେଥିରେ ଗୋଟିଏ ଆକର୍ଷଣୀୟ ରାଖୀ ତିଆରି କରି ସମ୍ପର୍କର ବନ୍ଧନ ସହିତ ଗଛରେ ରାଖୀ ବାନ୍ଧିବା ସହ ସିନ୍ଦୁର, ଚନ୍ଦନ ଫୁଲ ଲଗାଇ ସାରା ବିଶ୍ୱକୁ ପ୍ରକୃତିର ବନ୍ଦନା କରିବାର ଏକ ନିଆରା ବାର୍ତ୍ତା ଦେଇଛନ୍ତି। ବୃକ୍ଷପ୍ରେମୀମାନେ ଏ ସମ୍ପର୍କରେ କୁହନ୍ତି ରକ୍ଷାବନ୍ଧନ ହେଉଛି ଅତୁଟ ସମ୍ପର୍କର ନିବିଡ଼ ବନ୍ଧନ। ଜନ୍ମ ଜନ୍ମକୁ ବାନ୍ଧି ହେବାର ଏକ ଅତୁଟ ପ୍ରେମର ନିଚ୍ଛକ ସ୍ପନ୍ଦନ। ସେହିପରି ଗଛ ସହ ଆମର ସମ୍ପର୍କ ଏହିପରି ରହିବା ଦରକାର। ଗଛ ଯେପରି ଏନ୍ତୁଡ଼ିଶାଳରୁ ଶଶ୍ମାନ ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଆମ୍ଭକୁ ସୁରକ୍ଷା ଦେଇଥାଏ, ଠିକ୍ ସେହିପରି ଆମ୍ଭେମାନେ ମଧ୍ୟ ଗଛ ପ୍ରତି ସେମିତି କର୍ତ୍ତବ୍ୟ ସମ୍ପାଦନ କରି ତା'ରି ସୁରକ୍ଷା ଦେବା ସମସ୍ତଙ୍କ ପାଇଁ ଆଜିର ଦିବସରେ ସଂକଳ୍ପ ହେଉ ବୋଲି ବୃକ୍ଷପ୍ରେମୀ ମାନେ ଆଶା ପ୍ରକଟ କରିଥିଲେ। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଓ ଚଳଚ୍ଚିତ୍ର ଅଭିନେତା ଡ. ଜ୍ଞାନେନ୍ଦ୍ର କୁମାର ପଲାଇ, ସାଇ ସେବକ ନାରାୟଣ ପ୍ରଧାନ, ବୃକ୍ଷପ୍ରେମୀ ପ୍ରିୟବ୍ରତ ପଣ୍ଡା, ରାଧାଚରଣ ସାହୁ, ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ, ଅନସୂୟା ସାହୁ ଏବଂ କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରମୁଖ ଗଛରେ ରାଖି ବାନ୍ଧିବା ସହ ତା'ର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଭାଇ-ଭଉଣୀଙ୍କ ସମ୍ପର୍କ ଭଳି ମଣିଷ ଓ ବୃକ୍ଷର ସମ୍ପର୍କ ଅତୁଟ ହେବା ଦରକାର ଏବଂ ରାଖୀ ସବୁଜ ସମ୍ପର୍କର ସାକ୍ଷୀ ହେଉ ବୋଲି ଶ୍ରୀ ସାହୁ ଏହି ଅବସରରେ କହିଥିଲେ।

## ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୦୧ତମ ବଳିଦାନ ଦିବସ



ଖୋର୍ଦ୍ଧା (ପିଏନ୍)-ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁଙ୍କ ସହଯୋଗୀ ମହାନବୀର ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ୨୦୧ତମ ବଳିଦାନ ଦିବସରେ ବିଭିନ୍ନ କୃତବିଦ୍ୟଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ବୀର ପିଣ୍ଡିକିଙ୍କ ଜନ୍ମସ୍ଥାନ ଦାରୁଠେଙ୍ଗରେ ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି, ପିଣ୍ଡିକି ସ୍ପୋର୍ଟସ କ୍ଲବ୍ ଓ କଳିଙ୍ଗ ପାଇକ ସଂଗଠନର ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟି ସଭାପତି କବିରାଜ ବିଧାର ସଭାପତିତ୍ୱ କରିଥିଲେ। ଜାତୀୟ ପତାକା ଉତ୍ତୋଳନ, ଶହୀଦଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରଫେସର ବୈଷ୍ଣବ ଚରଣ ସାମଲ ଯଥାକ୍ରମେ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଣ୍ଡିକଙ୍କ ଗରିଲା ଯୁଦ୍ଧ ଓ ଦେଶପ୍ରେମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ରାମଚଣ୍ଡୀ ଦଳବେହେରା, ମୃତ୍ୟୁଂଜୟ ଛୋଟରାୟ, ପ୍ରାକ୍ତନ ମନ୍ତ୍ରୀ ଡା. ବେଣୁଧର ବଳିଆରସିଂହଙ୍କ ସୁକନ୍ୟା ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂହ, କୁଂଜୁରୀ ବରପଦାର ଖ୍ୟାତନାମା ଚିତ୍ରଶିଳ୍ପୀ ବଳଦେବ ମହାରଥା, ସାହିତ୍ୟିକ ଅମରେଶ ବିଶ୍ୱାଳ, ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ, ଡୁମଡୁମା ଦଳବେହେରା, ଅବଦୁଲ କଲାମ ଆଜାଦ୍, ସମାଜସେବୀ ରମଜାନ୍ ଖାଁଙ୍କୁ ଶୌର୍ଯ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ମୁଖ୍ୟ ଉଦ୍ୟୋକ୍ତା ଇଂ. ଶିଶିର କୁମାର ନାୟକ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସଂଗଠକ ପ୍ରଦୀପ କୁମାର ବିଶ୍ୱାଳ, ବରିଷ୍ଠ ବିଜେପି ନେତା ସୁରଥ ବିଶ୍ୱାଳ, କୃଷକ ନେତା ଶ୍ରୀରଂଜନ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଂଶଧର ପ୍ରଫୁଲ୍ଲ ବାହୁବଳେନ୍ଦ୍ର, ସ୍ମୃତି କମିଟିର ଉପସଭାପତି ଅମରେନ୍ଦ୍ର ମହାପାତ୍ର, କ୍ଲବ ସମ୍ପାଦକ ପବିତ୍ର ବାହୁବଳେନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ପୁରସ୍କାର ଘୋଷଣା

ଧର୍ମଶାଳା (ପିଏନ୍): ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଓଡିଶାର ଲବ୍ଧପ୍ରତିଷ୍ଠିତ ଶିଶୁ ସାହିତ୍ୟ ସ୍ରଷ୍ଟା ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ଆସନ୍ତା ୧୦ ତାରିଖ ଶନିବାର ଜାରକାସ୍ଥିତ ସିଭିକ ସେଂଟରଠାରେ ଅନୁଷ୍ଠିତ ହେବ। ଏଥିନେଇ ସାହିତ୍ୟ ସମାଜ ପକ୍ଷରୁ ୨୦୨୨ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ଥର ବିଶିଷ୍ଟ ଶିଶୁ ସାହିତ୍ୟିକ ଚିତରଂଜନ ବ୍ରହ୍ମାଙ୍କୁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ସରୋଜକାନ୍ତ ପରିଜାଙ୍କୁ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏଥିସହ ଡ. ଯତିନ୍ଦ୍ର କୁମାର ରାଉତଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ଗୋକର୍ଣ୍ଣିକା ପୂଜ୍ୟପୂଜା ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ମୁଖ୍ୟଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା ଯୋଗଦେବେ ବୋଲି ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା ଓ ସମ୍ପାଦକ ହୃଷିକେଶ ସାମଲ ଜାରକାଠାରେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଧର୍ମଶାଳାର ବିଭିନ୍ନ ସ୍ଥାନରେ ଗଣେଶ ପୂଜା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ଗଣେଶ ପୂଜା କମିଟି ପକ୍ଷରୁ ଗଜାନନଙ୍କ ୪୧ତମ ପୂଜା ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଅଛି। ଜାରକା ବଡବଜାରସ୍ଥିତ ପୂଜା ମଣ୍ଡପରେ ବୁଧବାରଠାରୁ ଏହି ପୂଜାର ଶୁଭାରମ୍ଭ ହୋଇଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଦୀପାଲା ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ବାଦିପାଲା କାର୍ଯ୍ୟକ୍ରମରେ ଜଗତସିଂହପୁର ଅଂଚଳର ଗାୟିକା ପ୍ରଜ୍ଞା ରାଉତ, ଭଦ୍ରକର ସସ୍ମିତା ରାଉତ ଓ ସାଥୀମାନେ ୪ଦିନ ବ୍ୟାପୀ ବାଦିପାଲା ପରିବେଷଣ କରିବେ। ଏହି ବାଦିପାଲା ଉପଭୋଗ କରିବା ପାଇଁ ଶତାଧିକ ଲୋକ ପ୍ରତ୍ୟେହ ସଂଧ୍ୟାରେ ସମାବେଶ ହୋଇଥା'ନ୍ତି। ମଣ୍ଡପ ସମ୍ମୁଖରେ ଏକ ଆକର୍ଷଣୀୟ ତୋରଣ କରାଯାଇଥିବା ବେଳେ ରଙ୍ଗିନ ଆଲୋକମାଳାରେ ବଜାରକୁ ସଜାଇ ଦିଆଯାଇଛି। ଆସନ୍ତା ୪ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜାରକା ଗଣେଶ ପୂଜା କମିଟିର ସଭାପତି କୁଳମଣି ରାଉତ ଓ ସମ୍ପାଦକ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଏହି ବ୍ଲକର ବିଭିନ୍ନ ସ୍କୁଲ, କଲେଜ ଓ ଅନୁଷ୍ଠାନମାନଙ୍କରେ ଗଜାନନ ମହାପ୍ରଭୁଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି।

## ନୂଆଁଖାଇ ଅବସରରେ ପିସିସି ସଭାପତିଙ୍କ ଶୁଭେଚ୍ଛା ବାର୍ତା

ଭୁବନେଶ୍ୱର (ପିଏନ୍): ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ପଶ୍ଚିମ ଓଡ଼ିଶାର ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ଏବଂ ମା' ସମଲେଶ୍ୱରୀଙ୍କ ନିକଟରେ ସେମାନଙ୍କର ସୁଖ ସମୃଦ୍ଧି ପାଇଁ ଶ୍ରୀ ପଟ୍ଟନାୟକ ପ୍ରାର୍ଥନା କରିଛନ୍ତି।




# ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା

ଓଡ଼ିଆ ଭାଗବତରେ ଅଛି: *"ସାକ୍ଷାତେ ଗୁରୁ ଯେ ଈଶ୍ୱର/ଗୁରୁଙ୍କୁ ନମଣିବ ନର। ଗୁରୁଟି ସର୍ବ ଧର୍ମମୟେ/ ମୁହିଁ ବସଇ ଗୁରୁଦେହେ। ଏ ଘେନି ଗୁରୁ ଭଗବାନ/ ସେ ନୋହେ ମନୁଷ୍ୟ ସମାନ। ମୋତେ ପୂଜିବ ଗୁରୁଦେହେ/ମୋ ତହୁଁ ଗୁରୁ ଭିନ୍ନ ନୋହେ। ମନ ବଚନ ନିଜ ଦେହେ/ନିତ୍ୟ ସେବିବ ଗୁରୁ ପାୟେ।"*

ଅର୍ଥାତ୍ ଗୁରୁହିଁ ଈଶ୍ୱର। ଗୁରୁ ପୂଜା ହିଁ ଈଶ୍ୱରଙ୍କ ପୂଜା। ଗୁରୁ ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱରଙ୍କ ସହିତ ସମକକ୍ଷ ବୋଲି ଶାସ୍ତ୍ରମାନେ ମତ ଦିଅନ୍ତି। ସିଏହିଁ ପ୍ରକୃତ ଗୁରୁ ଯିଏ ଅଜ୍ଞାନ ରୂପକ ଅନ୍ଧକାରରୁ ଆମକୁ ଜ୍ଞାନ ରୂପକ ଆଲୋକ ନିକଟକୁ ଆଣିଥାଆନ୍ତି। ବହୁ ପୁରାତନ କାଳରୁ ଭାରତବର୍ଷରେ ଗୁରୁ ଓ ଶିଷ୍ୟ ପରମ୍ପରା ଚାଲିଆସିଛି। ଗୁରୁ ଏବଂ ଈଶ୍ୱରଙ୍କ ମଧ୍ୟରେ କିଏ ବଡ଼? ଏହି ଅର୍ଥରେ ଶାସ୍ତ୍ର ଏବଂ ଉପନିଷଦମାନେ କୁହନ୍ତି ଯେ ଗୁରୁଙ୍କ ସ୍ଥାନହିଁ ପ୍ରଥମ। କାରଣ ଗୁରୁଙ୍କର ଆଶୀର୍ବାଦ ବିନା ଈଶ୍ୱର କୃପା ମିଳି ପାରିବ ନାହିଁ। ଗୁରୁହିଁ ସକଳ କୃତିତ୍ୱର ମାର୍ଗ ଏବଂ ମାର୍ଗଦର୍ଶକ। ଉପଯୁକ୍ତ ଗୁରୁ ଏବଂ ତାଙ୍କର ଆଦର୍ଶ ପାଇଁ ଶିଷ୍ୟମାନେ ଧନ୍ୟ। ଅନ୍ୟ ଅର୍ଥରେ ଉପଯୁକ୍ତ ଶିଷ୍ୟହିଁ ଉପଯୁକ୍ତ ଗୁରୁର ମର୍ଯ୍ୟାଦା ରକ୍ଷାକରିପାରେ।



ଉଭୟ ଜ୍ଞାନରେ ଓ ସଂଖ୍ୟାରେ।

ସେହିପରି ବିଶ୍ୱର ମାନସିକ ତଥା ବୌଦ୍ଧିକ ପରିବ ର୍ତ୍ତନରେ ଗୁରୁମାନଙ୍କର ସ୍ଥାନ ଅନସ୍ୱୀକାର୍ଯ୍ୟ। ଏ ଦୃଷ୍ଟିରୁ କନଫୁସିୟସ, ଲାଓ୍ୱସି ଗାରିବାଲ୍ଡ଼ି ଏବଂ ମହାତ୍ମା ଗାନ୍ଧିଙ୍କ ପରି ଗୁରୁମାନଙ୍କର ଦୃଷ୍ଟାନ୍ତ ବିରଳ ନୁହେଁ। ଦର୍ଶନ କ୍ଷେତ୍ରରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପରି ଗୁରୁଙ୍କର ପଟାନ୍ତର ନାହିଁ। ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଜୋହାନ ଆମୋସ ଓ କୋମେନିଅସ୍, ସେମିତି ସଂପର୍କରେ ଅରିଷ୍ଟୋଟଲ ଓ ଆଲେକ୍‌ଜଣ୍ଡାର, ଏହିକ୍ରମରେ ସକ୍ରେଟିସ୍ ଇତ୍ୟାଦି କେତେ ବିଶ୍ୱଗୁରୁ ଅଛନ୍ତି ଯାହାଙ୍କ ଯୋଗୁଁ ଗୁରୁ ଓ ଶିଷ୍ୟ ଉଭୟ ଧନ୍ୟ, ଅର୍ଥାତ୍ ଯେମିତି ଗୁରୁଙ୍କୁ ସେମିତି ଶିଷ୍ୟ। ଗୁରୁହିଁ ଦ୍ୱିତୀୟ ପିତାମାତା। ସମାଜ ଓ ବ୍ୟକ୍ତି ପାଇଁ ଗୁରୁ ହେଉଛନ୍ତି ଏକ ଅବିଚ୍ଛେଦ୍ୟ ଅଙ୍ଗ। ସୃଷ୍ଟିର ଆରମ୍ଭରୁ ଏଯାବତ୍ ଏମିତି କିଛି ବିକାଶମୂଳକ କାର୍ଯ୍ୟ ହୋଇନାହିଁ, ଯେଉଁଥିରେ ଗୁରୁଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ହାତ ବା ପ୍ରେରଣା ନାହିଁ।



ଛାତ୍ରଛାତ୍ରୀଙ୍କର ଭବିଷ୍ୟ ଗଢ଼ିବାରେ ଶିକ୍ଷକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ସେହିମାନେହିଁ ତାଙ୍କ କଳାର କୁଶଳରେ ରାଷ୍ଟ୍ର ଗଠନ କରନ୍ତି। ଏଣୁ ସମାଜରେ ସେହିମାନଙ୍କର ଗୁରୁତ୍ୱକୁ ଉପଲବ୍ଧି କରି ୧୯୮୪ ମସିହା ଅକ୍ଟୋବର ୫ ତାରିଖ ଠାରୁ ବିଶ୍ୱ ଶିକ୍ଷକ ବା ଗୁରୁଦିବସ ପାଳିତ ହୋଇଆସୁଛି। ବ ର୍ତ୍ତମାନ ବିଶ୍ୱର ଶତାଧିକ ଦେଶ ଏହି ଦିବସଟିକୁ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରନ୍ତି। ଏଥିପାଇଁ ଏଜୁକେଶନ ଇଣ୍ଟରନ୍ୟାସନାଲ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ଶିକ୍ଷକତା ବୃ ତ୍ତି ଉପରେ ସଚେତନତା ସୃଷ୍ଟି କରିବା ପାଇଁ କ୍ୟାମ୍ପର ଆୟୋଜନ କରାଯାଉଛି। ଶିକ୍ଷାବିତ୍ ଓ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମତିଥି ସେପ୍ଟେମ୍ବର ୫କୁ ପ୍ରତିବର୍ଷ ଗୁରୁ ବା ଶିକ୍ଷକ ଦିବସ ରୂପେ ଭାରତୀୟମାନେ ପାଳନ କରନ୍ତି। ଶିକ୍ଷକ ଦିବସ ପାଳନରେ ଭାରତହିଁ ପ୍ରଥମ ଦେଶ। ଏବେ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ତାରିଖରେ ଶିକ୍ଷକ ଦିବସ ପାଳନ କରନ୍ତି। ଯେମିତି ଭାରତ ପାଇଁ ସେପ୍ଟେମ୍ବର ୫, ଚୀନରେ ସେପ୍ଟେମ୍ବର ୧୦, ତାଇୱାନରେ ସେପ୍ଟେମ୍ବର ୨୮, ଯୁକ୍ତରାଷ୍ଟ୍ର ଆମେରିକାରେ ମେ ମାସ ପ୍ରଥମ ମଙ୍ଗଳବାର... ଇତ୍ୟାଦି। ତେବେ ଆନ୍ତର୍ଜାତିକ ବା ବିଶ୍ୱ ଶିକ୍ଷକ ଦିବସରୂପେ ଅକ୍ଟୋବର ୫କୁ ପାଳନ କରାଯାଏ। ଆସନ୍ତୁ ଆମେ ଏହାର ଅଂଶୀଦାର ହେବା। *... ତସ୍ମୈ ଶ୍ରୀ ଗୁରୁବେ ନମଃ॥*

ଗୁରୁଙ୍କ ଆଶୀର୍ବାଦରେ ପଙ୍ଗୁ ବି ପର୍ବତ ଲଙ୍ଘିପାରେ ଏବଂ ଅଭିଶାପରୁ ଠିକ୍‌ବେଳେ ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ମନ୍ତ୍ର ମନେ ନପଡ଼ିବା ଏବଂ ରଥଚକ ଭାଙ୍ଗିଲା ପରି, ଶିଷ୍ୟର ପ୍ରଭୂତ କ୍ଷତି ହୋଇଥାଏ। ପ୍ରାକ୍ ବୈଦିକ ଯୁଗରେ ଏଯାବତ୍ ସାରା ବିଶ୍ୱରେ ଗୁରୁଶିଷ୍ୟଙ୍କ ସଂପର୍କ ଅଧ୍ୟୟନ କଲେ ଛାତ୍ରଙ୍କ କୃତିତ୍ୱ ପାଇଁ: ଗୁରୁ କୃପା କେବଳମ୍। ହିନ୍ଦୁ ଧର୍ମରେ ଦ୍ରୋଣ, ବଶିଷ୍ଠ, ବିଶ୍ୱାମିତ୍ର, ବାଲ୍ମୀକିଙ୍କ ଭଳି ବହୁ ମହାନ ଗୁରୁମାନଙ୍କର ଦୃଷ୍ଟାନ୍ତ ଥିଲାବେଳେ ସେମାନଙ୍କର ଯୋଗ୍ୟତମ ଶିଷ୍ୟ ଯଥାକ୍ରମେ ଅର୍ଜୁନ, ରାମ, ଲବକୁଶ ଏବଂ ଏକଲବ୍ୟ ଭଳି ମଧ୍ୟ ଦୃଷ୍ଟିଗୋଚର ହୁଅନ୍ତି। ରାଜନୀତି କ୍ଷେତ୍ରରେ ଚାଣକ୍ୟ ଏବଂ ଚନ୍ଦ୍ରଗୁପ୍ତ, ଗୁରୁ ରାମଦାସ ଓ ଶିବାଜୀ ଏବଂ ଏମିତି ଆହୁରି ଅଛନ୍ତି। ରମାକାନ୍ତ ଆକରେକର ଏବଂ ସଚିନ ତେନ୍ଦୁଲକର, କପିଳଦେବ ଓ ଆଜାଦ୍‌ଙ୍କର କଥା ଉଲ୍ଲେଖନୀୟ। ବେଦ ଯୁଗରେ ସଂଖ୍ୟାଧିକ ଗୁରୁଙ୍କର ଗୁରୁତ୍ୱ ଥିଲା କାରଣ ବେଦଗୁଡ଼ିକୁ ଶୁଣିଶୁଣି ମନେରଖୁଥିବା ହେତୁ ଏହାକୁ ଶ୍ରୁତି କୁହନ୍ତି। ଏହାକୁ ଶୁଣାଇବା ପାଇଁ ଗୁରୁମାନଙ୍କର ଯଥେଷ୍ଟ ଆବଶ୍ୟକତା ଥିଲା

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ଶ୍ରୀ ବିରଜା ସେବା ସମିତି ଆନୁକୂଲ୍ୟରେ ତ୍ରିଦିବସୀୟ ମା'ଙ୍କ ରଥଯାତ୍ରା ଧାରାବିବରଣୀ ଓ ଭଜନ ସମାରୋହ ଉଦ୍‌ଯାପିତ

ଯାଜପୁର (ପିଏନ୍): ଶ୍ରୀ ବିରଜା ସେବାସମିତି ଆନୁକୂଲ୍ୟରେ ମା' ବିରଜାଙ୍କ ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ତ୍ରିଦିବସୀୟ ରଥଯାତ୍ରାର ଧାରାବିବରଣୀ ଓ ଭଜନ ସମାରୋହ ଉତ୍ସବ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଅଛି। ସଂପାଦକ ପାଣ୍ଡବ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବୈଠକରେ ଯାଜପୁରର ସଂସ୍କୃତିକ ଅଧିକାରୀ ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ସୂଚନା ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ଯଥାକ୍ରମେ ଉଦ୍‌ଘାଟନ ଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେବାସମିତି ଏହିପରି ମା'ଙ୍କ ସେବାରେ ଲାଗିଥା'ନ୍ତୁ ଓ ସମିତିର ଉ ରୋ ର ଉନ୍ନତି ହେଉ ବୋଲି ତାଙ୍କ ବକ୍ତବ୍ୟ ରଖିଥିଲେ। ମହାଷ୍ଟମୀରେ ସମିତି ତରଫରୁ ମା'ଙ୍କ କାନିକା ପ୍ରସାଦ ମନ୍ଦିର ପରିସରରେ ଭକ୍ତମାନଙ୍କୁ ବ୍ଣ୍ଟନ କରାଯାଇଥିଲା। ବିଶିଷ୍ଟ ପ୍ରବଚକ ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ଡଃ ଜୟକୃଷ୍ଣ ଦାସ, ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, କାହ୍ନୁଚରଣ ମିଶ୍ର, ନିତ୍ୟାନନ୍ଦ ଦେଓ, ଅଧିକାରୀ ନବକିଶୋର ଦାସ, ଗଦାଧର ରାଉତ, ଗିରିଧାରୀ ସ୍ୱାଇଁ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ରଥ ଯାତ୍ରାର ଧାରା ବିବରଣ ପ୍ରଦାନ କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମଂଚରେ ସଭାପତିଙ୍କୁ ସହଯୋଗ କରିଥିଲେ। ସଭ୍ୟ ବନବିହାରୀ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବ୍ରଜକିଶୋର ମହାନ୍ତି, ବୃନ୍ଦାବନ ମିଶ୍ର, ମଧୁସୂଦନ ମହାନ୍ତି, ହରିହର ବେହେରା, ବ୍ରହ୍ମାନନ୍ଦ ସ୍ୱାଇଁ, ବିରଜା ପ୍ରସାଦ କର, ପ୍ରବୋଧ କୁମାର ନାୟକ ପ୍ରମୁଖ ସଭ୍ୟମାନେ ମଂଚରେ ସହଯୋଗ କରିଥିଲେ। ଉମାକାନ୍ତ ପାଢ଼ୀ ଓ ତାଙ୍କର ଦଳ ୩ଦିନ ଧରି ମା'ଙ୍କ ଭଜନ ପରିବେଷଣ କରିଥିଲେ। ସଂପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆପଣ କେମିତି ପିତାମାତା !



ବେଳେବେଳେ ନିଜ ବଢ଼ିଲା ପୁଅ ଝିଅଙ୍କ ବ୍ୟବହାର ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ଏମିତି ବ୍ୟବହାର ତ ଆପଣ କେବେ କରିନାହାନ୍ତି, ଏମିତି ଚଳଣି ଓ ଖର୍ଚ୍ଚ ତ ଆପଣ କେବେ ଶିଖେଇ ନାହାନ୍ତି। ତା'ହେଲେ ପିଲା ଏମିତି କାହିଁକି ହୋଇଯାଉଛି, ମନେମନେ ଭାବୁଛନ୍ତି ଆପଣ। କେବଳ ଆପଣଙ୍କ ଚଳଣିରୁ ସେ ଯେ ଶିଖେ ଏ କଥା ନୁହେଁ, ବଡ଼ ହେଲେ ଆପଣଙ୍କ ଚଳଣି ଓ ତା ପ୍ରତି ବ୍ୟବହାରର ଅନେକ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଏ ତା କାର୍ଯ୍ୟକଳାପରେ। ପିତାମାତାଙ୍କ ବ୍ୟବହାର ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଏ ଏବଂ ସେମାନଙ୍କ ବ୍ୟକ୍ତିତ୍ୱର ମୂଳଦୁଆ ପକାଏ। ତେଣୁ ଆପଣଙ୍କ ପିଲା ସହ ପ୍ରତି ପଦକ୍ଷେପରେ ସାବଧାନ ରହିବା ଦରକାର। ପିଲାଦିନର ଅନୁଭବ ବ୍ୟକ୍ତିତ୍ୱକୁ ଖୁବ୍ ପ୍ରଭାବିତ କରେ। ଯେମିତି ପିଲାଦିନେ ମନରେ ଥିବା କିଛି ଅଭାବକୁ ପୂରଣ କରିବା ପାଇଁ ବଡ଼ବେଳେ କେତେଜଣ ଏତେ ବ୍ୟଗ୍ର ହୋଇପଡ଼ନ୍ତି ଯେ ଏହା ସେମାନଙ୍କ ପାଇଁ ଏକ ମାନସିକ ବିକୃତିରେ ପରିଣତ ହୋଇଯାଏ। ତା'ହେଲେ ଆସନ୍ତୁ ଜାଣିବା ପାଳନର କିଛି କଥା।

## ପିତା-ମାତା କେମିତି ହେଲେ ସନ୍ତାନ କେମିତି ହେବ....

**ଅତି ଯତ୍ନଶୀଳ ପିତାମାତା, ଦୁର୍ବଳ ବ୍ୟକ୍ତିତ୍ୱର ସନ୍ତାନ :** ଅତି ଯତ୍ନଶୀଳ ବା ଓଭର ପ୍ରୋଟେକ୍ଟିଭ ପିତାମାତାଙ୍କ ସନ୍ତାନ ବଡ଼ ହେବାପରେ ମଧ୍ୟ ସ୍ୱାଧୀନ ହୋଇପାରନ୍ତି ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ଦୁର୍ବଳ ହୋଇଯାଏ, ସବୁ ଛୋଟ ବଡ଼ କାମରେ ସେମାନେ ପିତାମାତାଙ୍କୁ ଅପେକ୍ଷା କରି ରହନ୍ତି। ବଡ଼ ହୋଇ ନିଜେ ଅଭିଭାବକ ହେବାପରେ ମଧ୍ୟ କୌଣସି ନିଷ୍ପତ୍ତି ନେଇପାରନ୍ତି ନାହିଁ। ନିଜ ପିଲାଙ୍କ ଚାରିପାଖରେ ଘେରି ରହି ସେମାନଙ୍କୁ ସବୁବେଳେ ନିର୍ଭରଶୀଳ କରାଇ ଦେଇଥିବା ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟ ବୋଲି କୁହାଯାଏ। ଆପଣଙ୍କର ଏପରି ବ୍ୟବହାର ପିଲାର ଭାବନାତ୍ମକ ଓ ମାନସିକ ବିକାଶକୁ ପ୍ରତିରୋଧ କରିଦିଏ। ତେଣୁ ସେମାନଙ୍କୁ ନିଜ ଦୃଷ୍ଟିରେ ଦୁନିଆ ଦେଖିବାକୁ ଓ ଦୁନିଆକୁ ବୁଝିବାର ସୁଯୋଗ ଦିଅନ୍ତି। ଯେଉଁଠାରେ ଆବଶ୍ୟକ ସେହିଠାରେ ସେମାନଙ୍କୁ ସହଯୋଗ ଦିଅନ୍ତୁ।

**ସନ୍ଦେହୀ ପିତାମାତା: ଅବିଶ୍ୱାସୀ ସନ୍ତାନ:** ପିଲାମାନେ ଭୁଲ ବାଟରେ ନଯିବା ପାଇଁ ସେମାନଙ୍କ ଉପରେ ନଜର ରଖିବା ଠିକ୍ କଥା, ମାତ୍ର ସେମାନଙ୍କ ଉପରେ ଅତ୍ୟଧିକ ନଜର ରଖିଲେ ଏହା ସେମାନଙ୍କର ସମସ୍ତଙ୍କ ପ୍ରତି ବିଶ୍ୱାସ ନଷ୍ଟ କରିଦିଏ। ପିତା-ମାତା ଅତ୍ୟଧିକ ସନ୍ଦେହ କରିବା ପିଲାମାନଙ୍କର ସେମାନଙ୍କ ପ୍ରତି ଓ ସମାଜ ପ୍ରତି ଭରସା କମ୍ କରିଦିଏ। ସବୁବେଳେ ସେମାନେ ଫୋନ୍ କଲେ କଥାବାର୍ତ୍ତା ଶୁଣିବା, ସେମାନଙ୍କର ବହିପତ୍ର ଆଦି ଦେଖିବା ଦ୍ୱାରା ପିଲା ସବୁବେଳେ ଭୟ ଭିତରେ ରୁହେ - କାଳେ କେଉଁଠି ଭୁଲ ଧରାପଡ଼ିଯିବ କି? ଏଥିପାଇଁ ସେ ସବୁବେଳେ ପ୍ରସ୍ତୁତ ହୋଇ ରହେ, ନିଜକୁ ବଞ୍ଚେଇବା ପାଇଁ କ'ଣ ମିଛ କହିବ? ସନ୍ଦେହୀ ପିତାମାତା ସବୁ ପରିସ୍ଥିତିକୁ ନେଇ ନିଜ ସନ୍ତାନମାନଙ୍କର ଏକ ଭୟ ସୃଷ୍ଟି କରିଥାନ୍ତି। ଏହି ଭୟ ସହ ବଡ଼ ହେଉଥିବା ପିଲାମାନଙ୍କର ଆତ୍ମବିଶ୍ୱାସ ସ୍ତର ଖୁବ୍ କମ୍ ହୋଇଯାଏ ଓ ସେମାନେ ସହଜରେ କାହା ଉପରେ ବିଶ୍ୱାସ କରିପାରନ୍ତି ନାହିଁ। ଯଦି ଆପଣଙ୍କୁ ମନେ ହେଉଛି ଯେ ପିଲାର ବ୍ୟବହାର ସନ୍ଦେହଜନକ ଓ ତା'ଉପରେ କଡ଼ା ନଜର ରଖିବାକୁ ହେବ, ତା' ହେଲେ ପ୍ରଥମେ ପିଲା ସହ ଆପଣଙ୍କ ସନ୍ଦେହ ବିଷୟରେ ଆଲୋଚନା କରନ୍ତୁ। ଏହାପରେ ତା ଉପରେ ନଜର ରଖିବା ଦରକାର ହେଲେ ପିତାମାତା ପରି ନଜର ରଖନ୍ତୁ, ଗୁଇନ୍ଦା ପରି ନୁହେଁ। ପିଲାକୁ ନିଜ ଭୁଲରୁ କିଛି ଶିଖିବା ପାଇଁ ମଧ୍ୟ ଛାଡ଼ନ୍ତୁ।

**କୁଭାଷା କହୁଥିବା ପିତାମାତା: ନିୟନ୍ତ୍ରଣହୀନ ସନ୍ତାନ:** ପିଲାକୁ ତାର ଭୁଲ ବିଷୟରେ କହିବା ଉଚିତ ହେଲେ ତାକୁ ରାଗି କୁଭାଷା ପ୍ରୟୋଗ କରିବା କିମ୍ବା ମାରପିଟ କରିବା ଠିକ୍ ନୁହେଁ। ଏହା ସେମାନଙ୍କ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଏ। ପିଲାକୁ ଖରାପ ଭାଷାରେ ଗାଳିଗୁଲଜ କଲେ ତାର ମାନସିକ ଅଭିବୃଦ୍ଧି ବ୍ୟାହତ ହୁଏ ଏବଂ ଆତ୍ମବିଶ୍ୱାସ କମ୍ ହୋଇଯାଏ। ଏମିତି ପିଲା ବଡ଼ ହୋଇ ଅଧିକ ଉଗ୍ର ହୋଇଯାଆନ୍ତି ଏବଂ କଥା କଥାରେ ଭଙ୍ଗାରୁଜା କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା କଷ୍ଟ ହୋଇଯାଏ। ପିତାମାତା ଦୁର୍ବ୍ୟବହାର କରୁଥିବା ପିଲାମାନେ ବିଛଣାରେ ପରିସ୍ରା କରନ୍ତି। ପାଠପଢ଼ାରେ ସେମାନଙ୍କର ଏକାଗ୍ରତା ରହେନାହିଁ। ତେଣୁ ଥରେ ରାଗିବା ପୂର୍ବରୁ ଅଟକିଯାଇ ଦେଖନ୍ତୁ ପାଟିରୁ କିଛି ଖରାପ ଭାଷା ବାହାରି ଆସୁନି ତ?

**ଜିତିବାକୁ ଚାହୁଁଥିବା ପିତାମାତା-ଆତ୍ମହତ୍ୟାପ୍ରବଣ ସନ୍ତାନ:** ପିଲାଙ୍କ ଉପରେ ସବୁବେଳେ ଜିତିବା ପାଇଁ ଚାପ ପକାଉଥିବା ପିତାମାତା ସେମାନଙ୍କ ପାଇଁ ବୋଝ ପାଲଟି ଯାଆନ୍ତି, ପିଲାମାନେ ମାନସିକ ଭାରସାମ୍ୟ ହରାନ୍ତି। ଏମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଦେଖାଯାଏ। ସାମାନ୍ୟ ହାର ସେମାନେ ବରଦାସ୍ତ କରିପାରନ୍ତି ନାହିଁ। ପିତାମାତା ଛୋଟ ଛୋଟ ଅସଫଳତା ମଧ୍ୟ ସହ୍ୟ କରିପାରୁ ନଥିବାରୁ ପିଲାମାନେ ସ୍ୱାଭାବିକ ଭାବରେ ବଡ଼ ହୋଇପାରନ୍ତି ନାହିଁ। ବଡ଼ ହେବା ପରେ ସେମାନେ ଅନ୍ୟମାନଙ୍କ ଆଶାକୁ ସାମ୍ନା କରିବାକୁ ଡରନ୍ତି ଏବଂ ଆଶା ପୂରଣ କରିନପାରିଲେ ନିଜ ଜୀବନକୁ ମୂଲ୍ୟହୀନ ମନେକରନ୍ତି। ପିତାମାତାଙ୍କର ଏହି ଅଭ୍ୟାସକୁ ହାଇପର ପ୍ୟାରେଣ୍ଟିଙ୍ଗ ସିଣ୍ଡ୍ରୋମ୍ ବୋଲି କୁହାଯାଏ। ଏହି ପିତାମାତା ନିଜର ନକାରାତ୍ମକ ଭାବନା ତ ପ୍ରକାଶ କରିପାରନ୍ତି କିନ୍ତୁ ସକାରାତ୍ମକ ଭାବନା ନୁହେଁ। ମାତ୍ର ପିଲା ପାଇଁ ତା ସମ୍ପର୍କରେ କ'ଣ ସକାରାତ୍ମକ ଭାବନା ରହିଛି ପିତାମାତାଙ୍କର ତାହା ଜାଣିବା ଖୁବ୍ ଜରୁରୀ। ପିତାମାତାଙ୍କର ଏହି ଅତ୍ୟଧିକ ଆଶା ଓ ସନ୍ତାନକୁ ସବୁଥିରେ ସଫଳ ଦେଖିବାର ସ୍ୱପ୍ନ ସେମାନଙ୍କଠାରୁ ସନ୍ତାନକୁ ଛଡ଼ାଇ ଦିଏ। ତେଣୁ ସନ୍ତାନ ଅସଫଳ ହେଲେ ତାକୁ ସଫଳ ହେବା ପାଇଁ ପ୍ରେରଣା ଦିଅନ୍ତୁ। ମାତ୍ର ଅସଫଳତାକୁ ତା ପାଇଁ ବୋଝ କରିଦିଅନ୍ତୁ ନାହିଁ।

**ତୁଳନା କରୁଥିବା ପିତାମାତା-ବଡ଼ିମା ଦେଖାଉଥିବା ସନ୍ତାନ:** ଅନେକ ପିତାମାତା ଅଛନ୍ତି ଯେଉଁମାନେ ନିଜ ପିଲାର ପ୍ରତିଭାକୁ ଠିକ୍ ଭାବରେ ଚିହ୍ନିପାରନ୍ତି ନାହିଁ। ପ୍ରତି ସମୟରେ ପିଲାକୁ ଏହା କହି ଦୁର୍ବଳ କରାଇ ଦିଅନ୍ତି-ଯଦି ସେ ଏହା ପାରୁଛି, ତୁ କାହିଁକି ପାରିବୁନି। ଏମିତି ପିଲା ନିଜକୁ କୌଣସି କାର୍ଯ୍ୟର ଯୋଗ୍ୟ ବୋଲି ଭାବନ୍ତି ମୋ ପାଖରେ କିଛି ବି ନାହିଁ। ଏହି ଭାବନା ଲୁଚାଇବା ପାଇଁ ସେ ଅଧିକ ବଢ଼େଇ ଚଢ଼େଇ କହିବାର ଅଭ୍ୟାସ କରିନିଏ। ନିଜକୁ ଅନ୍ୟଠାରୁ ବଡ଼ ଦେଖାଇବା ପାଇଁ ସେ ମିଛ କଥା କୁହେ। ତେଣୁ ପିଲାକୁ ସବୁବେଳେ ଅନ୍ୟ ସହ ତୁଳନା କରି ତାକୁ ଭାଙ୍ଗି ଦିଅନ୍ତୁ ନାହିଁ। ବରଂ ଛୋଟ ଛୋଟ ସଫଳତାରେ ପ୍ରଶଂସା କରନ୍ତୁ ଏବଂ ସଫଳ ହେବା ପାଇଁ ପ୍ରେରଣା ଓ ସହଯୋଗ ଦିଅନ୍ତୁ।

**ସମୟ ଦେଉନଥିବା ପିତାମାତା-ଗର୍ବୀ ସନ୍ତାନ:** କିଛି ପିତାମାତା ଅଛନ୍ତି ଯେଉଁମାନଙ୍କର ପିଲାର ଦାୟିତ୍ୱପ୍ରତି ଆଗ୍ରହ ନଥାଏ। ସେମାନେ ପିଲାଙ୍କ ପାଇଁ ସମୟ ଦିଅନ୍ତି ନାହିଁ। ବରଂ ପିଲାକୁ ଶାସନ କଲେ ମନଦୁଃଖ କରନ୍ତି। ସେମାନଙ୍କର ବ୍ୟବହାର ମଧ୍ୟ ପିଲା ଉପରେ ଖରାପ ପ୍ରଭାବ ପକାଏ। ସମୟ ଦେଉନଥିବାରୁ ଏହି ପିତାମାତା ପ୍ରାୟ ପିଲାକୁ କେଉଁଥିରେ ବାରଣ କରିପାରନ୍ତି ନାହିଁ। ଫଳରେ ପିଲା ଅତ୍ୟଧିକ ଆତ୍ମବିଶ୍ୱାସୀ ଓ ଗର୍ବୀ ହୋଇଯାଆନ୍ତି। ସେମାନେ ନିଜର ସମାଲୋଚନା କେବେ ମଧ୍ୟ ବରଦାସ୍ତ କରିପାରନ୍ତି ନାହିଁ। ଆପଣଙ୍କ ପାଖରେ ଧନ ପ୍ରତିପତ୍ତି, କ୍ଷମତା ସବୁକିଛି ଥାଇପାରେ କିନ୍ତୁ ସମସ୍ତେ ଭୁଲିଯାଉଛେ ଯେ ପିଲାମାନେ ହେଉଛନ୍ତି ଆମର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ସେମାନଙ୍କୁ ଆମେ ଯେଉଁପରି ଗଢ଼ିତୋଳିବା ସେମାନେ ସେହିପରି ଜୀବନ ନିର୍ବାହ କରିବେ ଓ ସେମାନଙ୍କ ଜୀବନର ମୂଲ୍ୟବୋଧକୁ ଆଗେଇ ନେଇ ଆପଣଙ୍କର ଆପଣଙ୍କ ପରିବାରର ଓ ଆପଣଙ୍କ ଆତ୍ମୀୟସ୍ୱଜନ ବନ୍ଧୁବର୍ଗ ସମସ୍ତଙ୍କର ସମ୍ମାନ ବଢ଼ାଇବେ। ଏହାକୁ ମନେରଖିବା ଉଚିତ।

**ରଶ୍ମୀରେଖା ପରିଡ଼ା, ମରିଚପୁର, ବାଲିକୁଦା, ଜଗତସିଂହପୁର, ଦୂରଭାଷ: ୯୧୭୮୨୧୩୭୯୧**

# ସମାଡପଦର ଗାଁକୁ ଜିବାକୁ ରାସ୍ତା ସାତସପନ

ନୂଆପଡ଼ା, ୧୪୮(ପି.ଏନ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ରାଣୀମୁଣ୍ଡା ଗ୍ରାମ ପଞ୍ଚାୟତ ର ସମାଡ ପଦର ଗାଁ। ଏହି ଗାଁ ର ମୁଖ୍ୟ ସମସ୍ୟା ହେଲା ଗାଁ କୁ ରାସ୍ତା ଖଣ୍ଡେ ନାହିଁ। ଗାଁ ଟି ନିଘଞ୍ଚ ଜଙ୍ଗଲ ମଧ୍ୟରେ ରହିଛି। ୭୦ପରିବାର ରହୁଥିବା ଏହି ଗ୍ରାମର ଜନସଂଖ୍ୟା ଚାରି ଶହରୁ ଅଧିକ। ଖଡ଼ିଆଳ ଠାରୁ ୧୫କିଲୋମିଟର ସିନାପାଲି ରାସ୍ତାରେ ଯାଇ ତିନି ଛକ ପାଖରୁ ଗାଁକୁ ଚାରି କିଲୋମିଟର ଜଙ୍ଗଲ ଚଢ଼ିବାକୁ ପଡେ। କଷ୍ଟେ ମଷ୍ଟେ ଦୁଇ ଚକିଆ ଯାନ ଯାଇପାରେ। ରାସ୍ତା ସାରା ଖାଲ ଢ଼ିପ ଓ ପଥର ଭର୍ତ୍ତି। ଆମ୍ବୁଲାନ୍ସ ଆସି ପାରେନି ବୋଲି ଗର୍ଭବତୀ ଓ ରୋଗୀଙ୍କୁ ଦୋଳାରେ ତଳକୁ ଓହ୍ଲାଇ ଆମ୍ବୁଲାନ୍ସରେ ନେବାକୁ ପଡେ। ଗାଁ କୁ କିଛି ବର୍ଷ ତଳେ ନୂଆପଡ଼ାର ତତ୍କାଳିନ ଜିଲ୍ଲାପାଳ ପୁମା ଟୁଡୁ ଯାଇ ଗାଁ ଲୋକଙ୍କ ସମସ୍ୟା ବୁଝିଥିଲେ। ଏହି ବିଷୟ ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ପରେ ସେ ବହୁତ ନାଁ କରିଥିଲେ କିନ୍ତୁ ଗ୍ରାମବାସୀଙ୍କ ରାସ୍ତା ଆଶା ଆଶାରେ ହିଁ ରହିଯାଇଛି। ଗାଁ ମୁଣ୍ଡରୁ ଅଧା କିଲୋମିଟର ପର୍ଯ୍ୟନ୍ତ ଦଶ ଲକ୍ଷ ଟଙ୍କାରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି। କିନ୍ତୁ ଘାଟି ତଳକୁ ତିନି କିଲୋମିଟର ରୁ ଉର୍ଦ୍ଧ୍ୱ ରାସ୍ତା ଯେମିତି କୁ ସେମିତି ଅଛି। ବର୍ଷା ଦିନରେ ମାଟି ଧୋଇ ଯିବାରୁ ଖାଲ ଖମାଲ ହୋଇ ପଥର ସବୁ ଦିଶୁଛି। ପାହାଡ଼ି ଗାଁ ର ଏହି ରାସ୍ତା ଦୁର୍‌ଦ୍ଦଶା ଦଶନ୍ଧି ଦଶନ୍ଧି ଧରି ରହି ଆସିଥିଲେ ମଧ୍ୟ ପ୍ରଶାସନର ନଜର ନାହିଁ।

ଗାଁର ସମସ୍ୟାକୁ ନେଇ ଗ୍ରାମବାସୀ ଅନେକ ଥର ପ୍ରଶାସନର ଦ୍ୱାରସ୍ଥ ହେଲେଣି। ରାସ୍ତା ପାଇଁ ବି ଡି ଓ, ଜିଲ୍ଲାପାଳ ସମେତ ଜନ ପ୍ରତିନିଧିଙ୍କୁ ଭେଟିଲେଣି। କିନ୍ତୁ କୌଣସି ସୁଫଳତା ମିଳୁନାହିଁ। ରାସ୍ତା ନ ଥିବାରୁ ସରକାରୀ ଯୋଜନାର ସଫଳ ରୂପାୟନ ହୋଇ ପାରୁନାହିଁ। ଗାଁରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାଯାଏ। ଅଷ୍ଟମ ପାସ ହେଲା ପରେ ଅନେକ ଛାତ୍ରଛାତ୍ରୀ ଆଉ ପଢ଼ନ୍ତି ନାହିଁ କାରଣ ଜଙ୍ଗଲ ରାସ୍ତାରେ ଯିବାପାଇଁ କାହାରି ସାହସ ହୁଏନାହିଁ। ସ୍କୁଲ ପାଇଁ ଏମ ଡି ଏମ ଚାଉଳ ତିନକୋ ଛକରୁ ବୋହି ଆଣିବାକୁ ପଡେ। ଏହି ରାସ୍ତା ପାଇଁ ବହୁତ ଅସୁବିଧା ଭୋଗନ୍ତି ଗାଁ ସ୍କୁଲର ଶିକ୍ଷକ ବାଇକରେ ସହଜରେ ଯାଇ ହୁଏନି, ଅନେକ ସମୟରେ ଗାଡିରୁ ପଡିଯାଆନ୍ତି ବୋଲି ସେମାନେ କହନ୍ତି। ଏହି ବିଦ୍ୟାଳୟର ଜୈନିକ ଶିକ୍ଷକ ପନ୍ଦର ବର୍ଷ ଧରି ଚାଲି ଚାଲି ପାହାଡ଼ ଚଢ଼ି ସ୍କୁଲ ଆସୁଥିବା କହନ୍ତି। ପାହାଡ଼ି ରାସ୍ତାରେ ହିଂସ୍ରଜନ୍ତୁଙ୍କ ଭୟ ରହିଥାଏ। ଏପରିକି ଏଇ କିଛିଦିନ ତଳେ ଏକ ଦନ୍ତାହାତୀ ଉକ୍ତ ଜଙ୍ଗଲରେ କିଛିଦିନ ରହିଯାଇଥିଲା। ବାର୍ଦ୍ଧକ୍ୟ, ବିଧବା ଭତ୍ତା ଓ ରାସନ ସାମଗ୍ରୀ ପାଇଁ ବହୁତ ହଇରାଣ ହୁଅନ୍ତି ଗ୍ରାମବାସୀ। ଭତ୍ତା ପାଇଁ ଏମିତି ରାସ୍ତାରେ ଯିବା ଆସିବା ଫଳରେ ବୃଦ୍ଧା ବୃଦ୍ଧ ମାନେ ନାହିଁ ନଥିବାର କଷ୍ଟ ପାଆନ୍ତି। ଗାଁ ରେ ରାସନ ସାମଗ୍ରୀ ବଣ୍ଟନ କରିବାକୁ ଲୋକଙ୍କ ଦାବିକୁ ପ୍ରଶାସନ ଶୁଣୁ ନାହିଁ। ଅତିଶୀଘ୍ର ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଖଡ଼ିଆଳ ବିଡ଼ିଓ ବିରସେନ ବେହେରାଙ୍କୁ ପଚାରିବାରୁ ନୂଆପଡା ଜିଲ୍ଲାପାଳଙ୍କ କଡା ନିର୍ଦ୍ଦେଶ ଅଛି ଓ ଅତିଶୀଘ୍ର ରାସ୍ତା ନିର୍ମାଣ କରାଯିବ ବୋଲି କହିଥିଲେ।

# ଡ. ଶଶଧର ଦାସଙ୍କ ରଚିତ ଭଜନ ଉନ୍ମୋଚିତ

ଭଦ୍ରକ, (ପି.ଏନ): ପ୍ରଫେସର ଡ. ଶଶଧର ଦାସଙ୍କ ରଚିତ ତଥା ସଂଗୀତ ନିର୍ଦ୍ଦେଶକ ରୁଦ୍ରମାଧବଙ୍କ ସଂପର୍କ ମ୍ୟୁଜିକ୍ ନିବେଦିତ 'ଲୀଳାମୟ ପ୍ରଭୁ' ଭଜନ କ୍ୟାସେଟ ଉନ୍ମୋଚିତ ହୋଇଯାଇଛି। ଭଦ୍ରକ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ଅତିଥି ଭାବରେ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ପ୍ରଫେସର ମହେନ୍ଦ୍ର ନାୟକ, ଡ. ରାଧାରାଣୀ ମହାପାତ୍ର, ଡାକ୍ତର ଦୁର୍ଯ୍ୟୋଧନ ଦାସ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଏହାର ଉନ୍ମୋଚନ କରିଥିଲେ। ଡ. ଦାସଙ୍କ ରଚିତ ଭଜନ ଗୁଡିକ ବେଶ୍ ହୃଦୟସ୍ପର୍ଶୀ ଓ ଭାବାତ୍ମକ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କ୍ୟାସେଟରେ ମୋଟ ଚାରିଗୋଟି ଭଜନ ରହିଛି। ଓଡ଼ିଶାର ବିଶିଷ୍ଟ ଭଜନ ଗାୟକ ସୌରଭ ନାୟକ, ଶୈଳଭାମା ମହାପାତ୍ର, ରୁଦ୍ରମାଧବ, ଦେବେନ୍ଦ୍ର ପ୍ରସାଦ ପଣ୍ଡା ତଥା ନବାଗତ ଗାୟକ ପ୍ରଜ୍ଞାନ ଦାସ ପ୍ରମୁଖ ଏଥିରେ କଣ୍ଠଦାନ କରିଛନ୍ତି। ଭଜନ ଗୁଡିକ ଖୁବ୍ ଶ୍ରୁତି ମଧୁର ଓ ଭାବ ଗମ୍ଭୀର ହୋଇଛି ବୋଲି ଶ୍ରୋତାମାନେ ମତବ୍ୟକ୍ତ କରିଥିଲେ।

# ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ

ବାଲେଶ୍ୱର (ପିଏନ୍)-ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ବାଲେଶ୍ୱର ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ୍ ରଞ୍ଜନ କୁମାର ସୁତାର ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତକୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକଶ କରିଛନ୍ତି। ସୂଚନା ଥାଉ କି, ୨୦୧୯ ମସିହା ଅଗଷ୍ଟ ୧୭ ତାରିଖ ବାଲେଶ୍ୱର ସିଂଲା ଥାନା ଅ ଞ୍ଚଳର ଜନୈକା ନାବାଳିକାକୁ ସମ୍ପର୍କୀୟ ଭାଇ ଅଭିଯୁକ୍ତ ସଞ୍ଜୟ ଦାସ ଦୁର୍ଷ୍କମ କରିଥିବାର ନାବାଳିକାର ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ବାବଦରେ ସିଂଲା ଥାନା ପକ୍ଷରୁ ୧୨୦/୨୦୧୯ ଦଫା ୩୪୨, ୩୨୪, ୩୭୬, ୫୦୬ ଆଇପିସି ୬ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ସମସ୍ତ ନଥିପତ୍ରକୁ ଭି ତ୍ତି କରି ସ୍ୱତନ୍ତ୍ର ପକ୍ସୋ କୋର୍ଟର ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥିସହିତ ପିଡ଼ିତାକୁ ପାଂଚଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଣବ ପଣ୍ଡା ମୋକଦ୍ଦମା ପରିଚାଳନା କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ସି.ଆଇ.ଟି.ୟୁ.ର ପ୍ରଦୀପ ପ୍ରଜ୍ୱଳନ ଓ ଜନ ଜାଗରଣ

ବାରିପଦା,(ପି.ଏନ): ୭୭ତମ ସାଧୀନତା ଦିବସ ପାଳନ ପୂର୍ବରୁ ଆଜି ସନ୍ଧ୍ୟା ୬ ରୁ ମଧ ରାତି ପର୍ଯ୍ୟନ୍ତ ସି.ଆଇ.ଟି.ୟୁ., ସାରାଭାରତ ବର୍ଷରେ କୃଷକସଭା ଓ କ୍ଷେତ ମଜଦୂର ୟୁନିୟନ, ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ପ୍ରାୟ ଦେଢଶହରୁ ଅଧିକ ସଭ୍ୟମାନଙ୍କୁ ନେଇ ଏକ ପ୍ରଦୀପ ପ୍ରଜ୍ଜଳନ ଓ ସଚେତନତା ସଭା ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସି.ଆଇ.ଟି.ୟୁ ଜିଲ୍ଲା ସଭାପତି ରବି ଗୋସ୍ୱାମୀସଭାପତିତ୍ୱ କରି ବର୍ତ୍ତମାନ କେନ୍ଦ୍ରର ବିଜେପି ସରକାର ଗଣତନ୍ତ୍ର ଓ ସମ୍ବିଧାନକୁ ଅଣଦେଖା କରି ଶାସନ ଚ଼ଳାଇବା ଫଳରେ ମଣିପୁର ଦଙ୍ଗା, ହରିଆନାରେ ଅଶାନ୍ତିଭଳି ଘଟଣା ଅହରହ ଘଟିଚ଼ାଲିଛି. ଧର୍ମ ଏବଂ ସମ୍ପ୍ରଦାୟ ଭିତ୍ତିରେ ଭାରତକୁ ବିଭାଜନ କରି ରାଜନୈତିକ ଫାଇଦା ଉଠାଇବାକୁ ଚ଼କ୍ରାନ୍ତ କରିଛନ୍ତି। ଦେଶରେ ଦରଦାମ ବଢ଼ି ଚ଼ାଲିଥିବା ବେଳେ, ବେକାରୀ ସମସ୍ୟା ମଧ ବଢି ଚ଼ାଲିଛି । ଏପରି



ସ୍ଥିତିରେ ଦେଶର ସ୍ୱାଧୀନତା, ଗଣତନ୍ତ୍ର ସଂବିଧାନକୁ ବଞ୍ଚାଇବାକୁ ହେଲେ ବିଜେପି ସରକାରକୁ ଦିଲ୍ଲୀ ଗାଦିରୁ ହଟେଇବାକୁ ପଡିବ ବୋଲି କହିଥିଲେ. ସି.ଆ.ଟି.ୟୁ ଜିଲ୍ଲା ସମ୍ପାଦକ ଅମଲ ଦେ, ସି.ଆର.ଟି.ୟୁର ଜିଲ୍ଲା କୋଷାଧକ୍ଷ ଓ ମିଟର କର୍ମଚ଼ାରୀ ସଂଘର ସଭାପତି ରଘୁନାଥ ପଣ୍ଡା, ପାଚ଼ିକା ସଂଘର ଜିଲ୍ଲା କମିଟି ସଦସ୍ୟା କୁଞ୍ଜଲତା ମହାନ୍ତ, ସନ୍ଧ୍ୟାରାଣୀ ବେହେରା, ମାଳତୀ ମହାନ୍ତ, ବି.ଏସ.ଏନ.ଏଲର କ୍ଷୀତିଶ ସାସମଲ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ, କ୍ଷେତମଜଦୂର ୟୁନିୟନର ଜିଲ୍ଲା ସଦସ୍ୟ ଦାମୋଦର ମୁର୍ମୁ ସଭା ପରିଚ଼ାଳନା କରିଥିଲେ। ମନୋରଂଜନ ପରିଡା, ଅଶୋକ ଭଞ୍ଜଦେଓ, ଗଙ୍ଗାଧର ସାମଲ, ସୁଭାଷ ତ୍ରିପାଠୀ, ସୁଭାସିନୀ ମହାନ୍ତ, ସୁମତି ଧୀର, ପ୍ରମିଳା ବେହେରା, କାଲୁ ଦହୁରୀ, ସୀତା ଚ଼ପେୟାର, ଚୁଡ଼ାମଣି ମାଝୀ, ଶମ୍ଭୁ ବାରିକ, ରେବତୀ ମହାନ୍ତ, ଗୁରୁବାରୀ ନାଏକ, ଶକ୍ତିପଦ ସାହୁ, ସଞ୍ଜୟ ଜେନା, ଜଗନ୍ନାଥ ବିନ୍ଧାଣୀ, ଆଦି ହେମ୍ବ୍ରମ ପ୍ରମୁଖ ବହୁ କର୍ମୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

## ତୀର୍ଥ କ୍ଷେତ୍ର ପତାଲଗଙ୍ଗାର ରୂପାନ୍ତରି କରଣ ନିମନ୍ତେ ମୁଖ୍ୟ ମନ୍ତ୍ରୀଙ୍କ ଅନୁଦାନ

ନୂଆପଡ଼ା:(ବିରବଲ ପ୍ରଧାନ), (ପି.ଏନ): ଗତ କିଛି ମାସ ତଳେ ୫ଟି ସଚ଼ିବ ଭିକେ ପାଣ୍ଡିଏନ୍ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସିବା ପରେ ଜିଲ୍ଲାର ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିବା ସହ ତୀର୍ଥ କ୍ଷେତ୍ର ମାନଙ୍କୁ ବୁଲି ଦେଖିଥିଲେ। ଏବଂ ସେଥି ମଧ୍ୟରୁ ପାତଲଗଙ୍ଗା ତୀର୍ଥ କ୍ଷେତ୍ର ହେଉଛି ବହୁ ଐତିହାସିକ ଏବଂ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ନାମରେ ପରିଚ଼ିତ। ସମସ୍ତ ମନଲୋଭା ପ୍ରାକୃତିକ ପରିବେଶକୁ ଦେଖି ୫ଟି ସଚ଼ିବ ବିମୋକ୍ଷିତ ହେବା ସହ ଏହାର ଆହୁରି ସୌନ୍ଦର୍ଯ୍ୟ କରଣ ପାଇଁ ପ୍ରତିଶ୍ରୁତି ଦେବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପାତାଳଗଙ୍ଗା ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସାତ କୋଟି କୋଡ଼ିଏ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଯାହା ମଞ୍ଜୁର ହୋଇ ଜିଲ୍ଲା କାର୍ଯ୍ୟଳୟକୁ ଆସିବା ପରେ ଉପ ଜିଲ୍ଲାପାଳ ଅଗସ୍ତି ପ୍ରଧାନ ପାତାଲଗଙ୍ଗାକୁ ଆସି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମନ୍ଦିର କମିଟିକୁ ମଞ୍ଜୁର ହେଇଥିବା ସମସ୍ତ କାଗଜ ପତ୍ର ପ୍ରଦାନ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଞ୍ଚ କାରବାର ସପରିବାର ସହ ବିଡ଼ିଓ କାର୍ଯ୍ୟାଳୟ ଆଗରେ ଧାରଣା

ଶେରଗଡ଼ (ପି.ଏନ ): କେନ୍ଦ୍ର ସରକାର ଗ୍ରାମାଞ୍ଚଳରେ ଗରିବ ଶ୍ରେଣୀର ଲୋକଙ୍କ ରହିବା ସୁଭିଧା ନିମନ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨୫ ଜୁନ ୨୦୧୫ ରେ ଆରମ୍ଭ କରିଥିଲେ କ୍ଷ ଏଥିରେ ପଂଚ଼ାୟତ ସ୍ତରରେ କେଉଁ ପରିବାରଟି ପାଇବା ଯୋଗ୍ୟ କି ନୁହେଁ ତାହା ଯାଞ୍ଚ କଲାପରେ ଯୋଗ୍ୟ ହିତାଧିକାରୀ ଚ଼ୟନ କରାଯାଇଥାଏ କ୍ଷ ହେଲେ କେତେକ ଜାଗାରେ ଯୋଗ୍ୟ ହିତାଧିକାରୀ ମଧ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାରୁ ବଞ୍ଚିତ ହୋଇଥାନ୍ତି କ୍ଷ ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚ଼ନ ମଣ୍ଡଳୀ ଶେରଗଡ଼ ବ୍ଲକ ର ଶେରଗଡ଼ ଗ୍ରାମରେ କ୍ଷ ଶେରଗଡ଼ ଗ୍ରାମର ସାମନ୍ତ ସାହିର ମୁନା ସ୍ୱାଇଁ ପିତା କରୁଣା ସ୍ୱାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆସିଥିଲେ ମଧ ପାଇନଥିବା ଯୋଗୁଁ ବିଡ଼ିଓ ଙ୍କ ଅଫିସ ଆଗରେ ରେ ଧାରଣା ଦେଇଥିଲେ। ସୂଚ଼ନା ମୁତାବକ ମୁନା ସ୍ୱାଇଁ ସରପଞ୍ଚ ଓ ବିଡ଼ିଓ ଙ୍କ ପାଖରେ ବହୁବାର ଅଭିଯୋଗ ଜଣାଇବା ପରେ କିଛି ପ୍ରତିଶୃତି ନମିଳିବାରୁ ତାର



ସପରିବାର ସହ ବିଡ଼ିଓ ଅଫିସ ଆଗରେ ଧାରଣା ରେ ବସିଥିଲେ କ୍ଷପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ତାଙ୍କୁ ତିରିଶି ହଜାର ଟଙ୍କା ମାଗୁଥିବା କଥା ମୁନା ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି କ୍ଷ ମୁନାଙ୍କ କହିବାନୁସାରେ ସେ ରିକ୍ସା ଚ଼ଳାଇ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି ଏଣୁ ମୁଁ ଏତେ ଟଙ୍କା କେଉଁଠାରୁ ଆଣିବି କ୍ଷ ମୁନା ସ୍ୱାଇଁ ଓ ତାଙ୍କ ପରିବାର ବିଡ଼ିଓ ଙ୍କ ଅଫିସ ଆଗରେ ବସିଥିବାର କାରଣରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶିବାଶିଷ ବରାଳ ବୁଝା ସୁଝା କରି ତଦନ୍ତରେ ଯିବାପାଇଁ ପ୍ରତିଶ୍ରୁତି ଦେବା ପରେ ମୁନା ସ୍ୱାଇଁ ନିଜ ଛୁଆଙ୍କୁ ଧରି ଘରକୁ ଫେରିଥିଲେ। ସୂଚ଼ନା ଥାଉକି ପ୍ରକୃତ ଗରିବ ଲୋକଟିଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ଥିବା ଯୋଗୁଁ ମୁନା ସ୍ୱାଇଁ ବିଡ଼ିଓ ଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ କ୍ଷ ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତିକ୍ରିୟା ନେବା ସମ୍ଭବ ହୋଇପାରିନାହିଁ କ୍ଷ ଯଦି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଏହିଭଳି ଟଙ୍କା କାରବାର ହେଉଛି, ତାହେଲେ ପ୍ରଶାସନ କାହିଁକି ଚୁପ ବସିଛି ବୋଲି ଜନ ସାଧାରଣ ରେ ଚ଼ର୍ଚ୍ଚା ହେଉଛି ।

## ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସକୁ ତେଜସ୍ କୋଚ୍ ସହିତ ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ମାନ୍ୟବର କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମାନ୍ୟବର କେନ୍ଦ୍ର ରେଳ, ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚ଼ନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସର ତେଜସ୍ କୋଚ୍ ସହିତ ଚ଼ଳାଚ଼ଳକୁ ଆଜି ଭୁବନେଶ୍ୱର ରେଳ ଷ୍ଟେସନରୁ ସବୁଜ ପତାକା ପ୍ରଦର୍ଶନ କରାଇ ଶୁଭାରମ୍ଭ କରିଛନ୍ତି ।ଏହି ଅବସରରେ ଆୟୋଜିତ ସଭାରେ ଯୋଗଦାନ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ତେଜସ୍ କୋଚ୍ ସହିତ ରାଜଧାନୀ ଏକ୍ସପ୍ରେସ୍ ଚ଼ଳାଚ଼ଳ ଦ୍ୱାରା ଉନ୍ନତ ଆଧୁନିକ ଆରାମଦାୟକ ଉପଲବ୍ଧି ସହିତ ଟ୍ରେନ୍ ଯାତ୍ରା ଅଭିଜ୍ଞତାର ନୂତନ ଦିଗନ୍ତ ଉପଲବ୍ଧ ହେବ ।ଏହି ଅବସରରେ ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଯେ କେନ୍ଦ୍ର ସରକାର ଚ଼ଳିତ ବର୍ଷ ଓଡିଶାରେ ରେଳବାଇ ଭିତ୍ତିଭୂମି ବିକାଶ ପାଇଁ ୧୦,୦୧୨ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି, ଯାହା ୨୦୧୪ ପୂର୍ବରୁ ମାତ୍ର ୮୦୦-୯୦୦ କୋଟି ଟଙ୍କା ଥିଲା । ଅମୃତ ଭାରତ ଯୋଜନା ମାଧମରେ ଓଡିଶାର ୨୫ ଟି ରେଳ ଷ୍ଟେସନର ବିକାଶମୂଳକ କାର୍ଯ୍ୟ ଆରମ୍ଭ ହୋଇଛି । ଓଡ଼ିଶାରେ ଏବେ ରେଳବାଇର କାର୍ଯ୍ୟ ବିଳମ୍ବିତ ସମ୍ପର୍କରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଲୋକମାନେ କଟକ, ଭୁବନେଶ୍ୱର ଏବଂ ପୁରୀ ରେଳ ଷ୍ଟେସନର ପୁନଃ ବିକାଶର ଉଦାହରଣ ଦେଖିପାରିବେ, ଯେଉଁଠାରେ କାର୍ଯ୍ୟ ଜୋରସୋରରେ ଚ଼ାଲିଛି ଏବଂ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସ୍ୱାଗତ ଯୋଗ୍ୟ ଅଟେ ।ଏହାପୂର୍ବରୁ ଶ୍ରୀ ବୈଷ୍ଣବ ଭୁବନେଶ୍ୱର ରେଳ ଷ୍ଟେସନକୁ ଯାଞ୍ଚ କରି ଭୁବନେଶ୍ୱର ରେଳ ଷ୍ଟେସନର ପୁନଃ ବିକାଶ ପାଇଁ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ ।ଭୁବନେଶ୍ୱର ରେଳ ଷ୍ଟେସନରେ ପ୍ରଦର୍ଶିତ ବିଭାଜନ ଭୟାବହ ସ୍ମୃତି ଦିବସରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ଶ୍ରୀ ବୈଷ୍ଣବ ମଧ ପରିଦର୍ଶନ କରିଥିଲେ ।ପରେ ଶ୍ରୀ ବୈଷ୍ଣବ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳବାଇ କାର୍ଯ୍ୟାଳୟରେ ଟ୍ରେନ୍ ମ୍ୟାନେଜମେଣ୍ଟ ସେଲ୍ (ଟିଏମସି) ବିଲଡିଙ୍ଗର ଉଦଘାଟନ କରିଥିଲେ । ଖୋର୍ଦ୍ଧା ରୋଡ଼ ପରିସୀମା ମଧରେ ଟ୍ରେନ ମାନଙ୍କର ଚ଼ଳାଚ଼ଳ ସମ୍ବନ୍ଧରେ ପ୍ରକୃତ ସମୟ ଟ୍ରେନ୍ ସ୍ଥିତି ଖୋର୍ଦ୍ଧା ରୋଡ୍ ସ୍ଥିତ ଟ୍ରେନ୍ ମ୍ୟାନେଜମେଣ୍ଟ ସେଲରୁ ଜଣା ପଡିବ ଯାହା ପୂର୍ବରୁ ଟ୍ରେନର ଆଗମନ ରିପୋର୍ଟ ପାଇବା ପାଇଁ କେବଳ ଷ୍ଟେସନ ମାନଙ୍କରୁ ଉପଲବ୍ଧ ହେଉଥିଲା ।ଏହା ବ୍ୟତୀତ, ଷ୍ଟେସନ ମ୍ୟାନେଜରଙ୍କ ରିପୋର୍ଟକୁ ଅପେକ୍ଷା ନକରି ଠିକ୍ ସମୟରେ ଯେକୌଣସି ବିଫଳତା ଏହା ମାଧ୍ୟମରେ ଜଣାପଡିବ । ଯାତ୍ରୀ ଘୋଷଣା ପ୍ରଣାଳୀ ଏବଂ କୋଚ୍ ସୂଚ଼କ ପ୍ରଦର୍ଶନ ମଧ ଏହା ସହିତ ଏକୀଭୂତ ହୋଇଛି । ଦୁଇଟି ଭିନ୍ନ କଣ୍ଟ୍ରୋଲ୍ ବୋର୍ଡ ମଧରେ ଥିବା ମଧବର୍ତ୍ତୀ ଷ୍ଟେସନ୍ ମାନଙ୍କର ସମନ୍ୱୟ ସହଜ ହେବ ଯେହେତୁ ଆସୁଥିବା ଟ୍ରେନ୍ ବିଷୟରେ ପୂର୍ବାନୁମାନ ପାଇଁ ଟ୍ରେନ ପରିଚ଼ାଳନା ବିଭାଗ ସେମାନଙ୍କ ସହିତ ପୃଥକ ଭାବରେ କଥା ହେବାକୁ ପଡୁଥିଲା। ସମସ୍ତ ଟ୍ରେନ୍ ଚ଼ଳାଚ଼ଳ ସୂଚ଼ନା ପରଦାରେ ପ୍ରଦର୍ଶିତ ହେବ । ଭୁବନେଶ୍ୱର ସେଣ୍ଟ୍ରାଲ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଭୁବନେଶ୍ୱର ରେଳ ଷ୍ଟେସନରେ ଏହି ଅବସରରେ ଯୋଗଦାନ କରିଥିଲେ । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଏଚ୍ ଏସ୍ ବାଜୱା ମଧ ଏହି ଅବସରରେ ମଞ୍ଚରେ ଉପସ୍ଥିତ ଥିଲେ । ଆଜି ଶୁଭାରମ୍ଭ ଦିବସରେ ଏହି ଟ୍ରେନ ଏକ ସ୍ୱତନ୍ତ୍ର ଟ୍ରେନ ଭାବେ ଯାତ୍ରା କରିଛି । ସମ୍ବଲପୁର ମାର୍ଗ ଦେଇ ଚ଼ଳାଚ଼ଳ କରୁଥିବା ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ଆସନ୍ତା ଶନିବାର ଠାରୁ ତେଜସ୍ କୋଚ୍ ସହିତ ଚ଼ଳାଚ଼ଳ କରିବ । ଅନ୍ୟ ମାର୍ଗରେ ଚ଼ଳାଚ଼ଳ କରୁଥିବା ରାଜଧାନୀ ଏକ୍ସପ୍ରେସ ଗୁଡିକରେ ଖୁବ୍ ଶୀଘ୍ର ଅନ୍ୟ ତେଜସ କୋଚ଼ ରେକ ଉପଲବ୍ଧ ପରେ କିଛି ଦିନ ବ୍ୟବଧାନ ମଧରେ ଚ଼ଳାଚ଼ଳ କରିବ ।

## ସ୍ପନ୍ଦନ ଏ ଶୁଭ ବେଳାର

ଅନସୂୟା ମହାପାତ୍ର



ଫେରିଛି ଚ଼ତୁର ବଣିକଜାତି
ଦୁଇଶହ ବର୍ଷର ଜାଗିର ଛାଡ଼ି
ନିଶାର୍ଦ୍ଧରେ ତା ନିଜର ମାଟିକୁ
ଛିଡିଛି ମୋ ମାତୃଭୂମିର
ପାଦରୁ ପରାଧୀନତାର
ମହଣ ମହଣ ଓଜନର ଶୃଙ୍ଖଳର ଭାର
ପବିତ୍ର ହୋଇଛି ଏ ମାଟି
ଶତ ଶତ ବୀର ସହିଦଙ୍କ
ଜୀବନର ଗାଥାକୁ ପଣତପାରି
ଶୁଆଇଦେଇଛି ସଯତ୍ନରେ ସଗର୍ବରେ।
ଗୁଳି ଗୋଳା ଚ଼ାବୁକ ବନ୍ଧୁକ
ସରମି ଯାଇଛି ହାର୍ ତ ମାନିଛି
ସାବରମତୀର ସନ୍ଥ ଆହ୍ୱାନ ରେ
ଅସହଯୋଗ ଆଉ ଦାଣ୍ଡି ଯାତ୍ରା ବେଳେ
କର ଅବା ମର ଡାକ ଅହିଂସା ମାର୍ଗରେ।
ହସୁଛି ଭାରତର ସରଳ ହୃଦୟ
ଦେଖି ସ୍ୱାଧୀନତାର ନବ ସୂର୍ଯ୍ୟୋଦୟ
ସ୍ୱାଧୀନତା କିଏ ସେହି ଅପୂର୍ବ ଆସ୍ୱାଦ
ଯାହା ଜନ୍ମସିଦ୍ଧ ଅଧିକାର
ପ୍ରତିଟି ଜନତାର ଏହି ଜଗତରା।
ଏବେ ତ ପାଳିଛି ମଉ ଗର୍ବ ?
ଆଜି ବିଶ୍ୱ ବଡ଼ଦାଣ୍ଡଟାରେ
ଭାରତୀୟ ତାର ଅମୃତମୁହୂର୍ତ୍ତ ।।
ହର୍ ଘର୍ ତ୍ରିରଙ୍ଗା ଉଡ଼ାଇ
ବିଭୋର କାଶ୍ମୀର ରୁ କନ୍ୟାକୁମାରୀ
ସ୍ୱପ୍ନରେଣୁ ମାନସେ ଖେଳାଇ
ଅଧିର ଏ ଜନଗଣ ଆନନ୍ଦେ ହଜୁଛି
ଦୁଇ ହଜାର ସତଚ଼ାଳିଶି ମଧ୍ୟେ
ବିକଶିତ ରାଷ୍ଟ୍ର ସମ୍ଭାବନା
ବୋଧ ହୁଏ ନିକଟରେ ଆଜି
ଅତୀତ ମାଟିର ସମୃଦ୍ଧ ଫେରାଇ
ବିଶ୍ୱଗୁରୁ ଆସନର ଗୌରବ ମୁକୁଟପାଇଁ
ଏହି ପୁଣ୍ୟ ମାଟି ସଜ୍ଜିତ ହେଉଛି।।

ଶିକ୍ଷୟିତ୍ରୀ, ଯାଜପୁର
ମୋ- ୮୭୬୩୩୯୭୧୯୯

## ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା' ର ଶୁଭାରମ୍ଭ

ରାଇରଙ୍ଗପୁର,(ପି.ଏନ): ଓଡିଶା ସରକାରଙ୍କ 'ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ପରିଧାନ ଯୋଜନା' ଅନ୍ତର୍ଗତ ମାଧମିକ ବିଦ୍ୟାଳୟରେ ଅଧ୍ୟୟନରତ ନବମ ଓ ଦଶମ ଶ୍ରେଣୀ ଶିକ୍ଷାର୍ଥୀଙ୍କୁ ୟୁନିଫୋର୍ମ ପ୍ରଦାନ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜଙ୍କ ଦ୍ୱାରା ରାଇରଙ୍ଗପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଯୋଜନାରେ ମୟୂରଭଞ୍ଜ ଜିଲ୍ଲାର ମୋଟ ୫୭୦ଟି ସରକାରୀ ଓ ସାହାଯ୍ୟ ପ୍ରାପ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ୨୯,୭୫୯ ଜଣ ଛାତ୍ର ଓ ୨୮,୪୯୨ ଜଣ ଛାତ୍ରୀ ମୋଟ ୫୮,୨୫୧ ଜଣ ଛାତ୍ରଛାତ୍ରୀଙ୍କୁ ୟୁନିଫୋର୍ମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏହି ୟୁନିଫୋର୍ମ ଯୋଗାଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ବ୍ଲକସ୍ତରୀୟ କମିଟି ଦ୍ୱାରା ଚ଼ୟନ କରାଯାଇଥିବା ୪୨୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୯୮ଟି ମଧ୍ୟମ ଓ ଲଘୁ ଉଦ୍ୟୋଗକୁ ଜିଲ୍ଲା ସ୍ତରୀୟ କମିଟି ଦ୍ୱାରା ଅନୁମୋଦନ କରାଯାଇଛି । ଯେଉଁ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ୟୁନିଫୋର୍ମ ଯୋଗାଣ କାର୍ଯ୍ୟ ନିମନ୍ତେ କୌଣସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ମଧ୍ୟମ ଓ ଲଘୁ ଉଦ୍ୟୋଗ ଉପଲବ୍ଧ ନାହାନ୍ତି, ସେହି ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଏହି କାର୍ଯ୍ୟ ଉକ୍ତ ବିଦ୍ୟାଳୟର ପରିଚ଼ାଳନା ଓ ଉନ୍ନୟନ ସମିତି ଦ୍ୱାରା ସମ୍ପାଦନ କରାଯିବାର ବ୍ୟବସ୍ଥା କରାଯାଇଛି ।ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାର ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମହାନ୍ତି, ରାଇରଙ୍ଗପୁର ଉପଜିଲ୍ଲାପାଳ ଶ୍ରୀଯୁକ୍ତ ସରୋଜ କୁମାର ଦାଶ, ରାଇରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସାଗର ଚ଼ନ୍ଦ୍ର ମୁର୍ମୁ, ରାଇରଙ୍ଗପୁର ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଭାଗୀରଥୀ ମହାନ୍ତି ଓ ମୟୂରଭଞ୍ଜ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ବାଳିକା ଶିକ୍ଷା ସଂଯୋଜକ ଶ୍ରୀଯୁକ୍ତ ସପନ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଏହି ପୋଷାକ ବିତରଣ କାର୍ଯ୍ୟକ୍ରମକୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରଶ୍ମିପ୍ରଭା ମହାନ୍ତ ପରିଚ଼ାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ରଶ୍ମିତା କବାଟ ଧନ୍ୟବାଦ ଅର୍ପଣ କରିଥିଲେ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୪ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ। -ପ୍ରକାଶକ


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

